


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 MARCH 2021
Vol.No. 32 ■ No. 69 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ସମସ୍ତେ ପାସ୍

## ପ୍ରଚଣ୍ଡ ଖରା ଓ କରୋନା ଯୋଗୁ ଜୁନରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇପାରେ ବୋଲି ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା



ଭୁବନେଶ୍ୱର,୧୩/୦୩ (ନି.ପ୍ର): ଛାତ୍ରଛାତ୍ରୀଙ୍କ ପାଇଁ ବଡ ଖବର । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ସମସ୍ତେ ପାସ୍ । କରୋନା ମହାମାରୀ ପାଇଁ ଚଳିତ ବର୍ଷ କୌଣସି କ୍ଲାସ୍ ହୋଇ ନଥିବାରୁ ନିଆଯାଇଛି ଏଭଳି ନିଷ୍ପତ୍ତି । ଏପରିକି ଏପ୍ରିଲରେ ବି ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବ ନାହିଁ । ତେବେ ପ୍ରଚଣ୍ଡ ଖରା ଏବଂ କରୋନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜୁନ୍ ମାସରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇପାରେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କର କୌଣସି ବାର୍ଷିକ ପରୀକ୍ଷା କରାନଯାଇ କ୍ଲାସ୍ ପ୍ରମୋସନ୍ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ଏହି ପିଲାଙ୍କର ଆଉ କ୍ଲାସ୍ ହେବ ନାହିଁ। ସେ କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ଆଉ ସ୍କୁଲ ଖୋଲିବା ସମ୍ଭବ ନୁହେଁ। ଏଣୁ ଗତବର୍ଷ ଭଳି ଏ ବର୍ଷ ବି ବିନା ପରୀକ୍ଷାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଯାଏଁ ସବୁ ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ତେବେ ଏନେଇ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନ ଥିଲେ ବି ଆପାତତଃ ତାହା ସ୍ଥିର ହୋଇଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ। ଅନ୍ୟପଟେ ଏପ୍ରିଲରେ ଆରମ୍ଭ ହେବାକୁ ଥିବା ନୂତନ ଶିକ୍ଷା ବର୍ଷ ଜୁନ୍ ମାସରେ ଆରମ୍ଭ ହୋଇପାରେ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ତେବେ ଖରା ଏବଂ କରୋନା ମହାମାରୀକୁ ନଜରରେ ରଖି ଏପ୍ରିଲ ପରିବର୍ତ୍ତେ ଜୁନ୍ ମାସରେ ଏହାକୁ ଆରମ୍ଭ କରିବାକୁ ବିଚାର ବିମର୍ଷ ହେଉଛି ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି ।

## ଗାଡିରୁ ମିଳିଲା ମହିଳାଙ୍କ ମୃତଦେହ : ଯାଁଳା ଫାଣ୍ଡି ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ଫାଣ୍ଡି ପରିସରରେ ଥିବା ଏକ ଜବତ ଗାଡ଼ି ଭିତରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିବା ଘଟଣାରେ ଯାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ନିଲମ୍ବିତ କରାଯାଇଛି । କର୍ତବ୍ୟରେ ଅବହେଳା ପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିବା କହିଛନ୍ତି ଡିସିପି ଉମାଶଙ୍କର ଦାଶ। ଅପରପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତଦେହଟି ଜଣେ ମହିଳାଙ୍କର ଓ ତାଙ୍କ ବୟସ ୪୫ ବର୍ଷ ହୋଇପାରେ ବୋଲି ଜଣାପଡିଛି। ମାମଲାର ତଦନ୍ତ କରାଯାଉଛି। ମହିଳାଙ୍କ ପରିଚୟ ସହ ମୃତ୍ୟୁ ପଛର କାରଣ ସମ୍ବନ୍ଧରେ ଖୁବ୍ ଶୀଘ୍ର ଜଣାପଡ଼ିବ ବୋଲି କହିଛନ୍ତି ଡିସିପି । ଉଲ୍ଲେଖନୀୟ, ଗତ ୨୦୧୯ ମସିହାରେ ଗଞ୍ଜାମ ପୋଲିସ ଏକ ଗଞ୍ଜେଇ ▶▶ପୃଷ୍ଠା ୭

# ଧାନକିଣାକୁ ନେଇ ବିଧାନସଭାରେ ମହାଭାରତ

## ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ହଙ୍ଗାମା, ଶାସକ ଦଳର ଜିଦ୍, କ୍ଷମା ମାଗନ୍ତୁ ଦେବଗଡ଼ ବିଧାୟକ



ଭୁବନେଶ୍ୱର,୧୩/୦୩(ନି.ପ୍ର): ମଣ୍ଡି ଅବ୍ୟବସ୍ଥାକୁ ନେଇ ଆଜି ବି ଉଠିଲା ପଡ଼ିଲା ବିଧାନସଭା । ତେବେ ଆଜି କେବଳ ବିରୋଧୀ ନୁହେଁ, ଶାସକ ଦଳର ବିଧାୟକ ବି ଗୃହ ମଧ ଭାଗକୁ ଆସି ହୋ ହଲ୍ଲା କରିଥିଲେ । ଗୋଟିଏ ପଟେ ମଣ୍ଡିରେ ସବୁ ଧାନ ଉଠୁ ବୋଲି ବିରୋଧୀ କଂଗ୍ରେସ ଓ ବିଜେପି ଅଡି ବସିଥିବା ବେଳେ । ଗତକାଲି ବିଜେପି ବିଧାୟକ ସୁବାସ ପାଣିଗ୍ରାହୀଙ୍କ ସାନିଟାଇଜର ପିଇବା ଘଟଣାକୁ ନେଇ ହଟ୍ଟଗୋଳ କରିଥିଲେ ବିଜେଡି ସଦସ୍ୟ । ଶାସକ ଦଳର ଦାବି ଥିଲା, ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମ କରି ଗୃହର ମର୍ଯ୍ୟାଦା ଭାଙ୍ଗିଥିବାରୁ ଦେବଗଡ଼ ବିଧାୟକ କ୍ଷମା ମାଗନ୍ତୁ । କ୍ଷମା ନମାଗିଲେ ଗୃହକାର୍ଯ୍ୟ କରାଇଦେବୁନି ବୋଲି କହିଥିଲେ ବିଜେଡି ସଦସ୍ୟ । ଏପଟେ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲା ବିଜେପି। ଗୃହର ମଧଭାଗରେ ଶାସକ ଦଳର ସଦସ୍ୟ ଓ ମନ୍ତ୍ରୀ ହଟ୍ଟଗୋଳ କରୁଥିବାରୁ ଏଥିରେ ଆପତ୍ତି ଉଠାଇଥିଲା ବିଜେପି । ତେବେ ବିଜେଡି ସଦସ୍ୟ କହିଥିଲେ, ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଓଡ଼ିଶାରେ ନୁହେଁ, ସାରା ଦେଶରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ତେଣୁ ଦେବଗଡ଼ ବିଧାୟକ କ୍ଷମା ମାଗିବା ଉଚିତ । ସେପଟେ ସୁବାସ ପାଣିଗ୍ରାହୀ କହିଥିଲେ, ମଣ୍ଡିରୁ ସବୁ ଧାନ ପ୍ରଥମେ ଉଠାନ୍ତୁ, ତାପରେ ସେ କ୍ଷମା ମାଗିବେ । ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଓ ହଟ୍ଟଗୋଳ ଯୋଗୁଁ ଗୃହ ଚାଲି ପାରିନଥିଲା । ଶେଷରେ ଗୃହକୁ ସୋମବାର ଯାଏ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ।

## ଶିମିଳିପାଳ ଜଙ୍ଗଲ ଅଗ୍ନିକାଣ୍ଡ ଅନୁଧ୍ୟାନ ପାଇଁ ଗଲେ ବିଜେପିର ୧୫ଜଣିଆ ଦଳ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ଶିମିଳିପାଳ ଜଙ୍ଗଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିବାପାଇଁ ବିଜେପିର ଏକ ୧୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଯାଇଛନ୍ତି। ଦଳର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏହି ଦଳ ଯାଇଛି। ଏହି ଦଳରେ ୧୩ଜଣ ବିଧାୟକଙ୍କ ସମେତ ଜଣେ ଜିଲ୍ଲା ପରିଷଦ ଅଧକ୍ଷ ଏବଂ ଉପାଧକ୍ଷ ରହିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁର ପ୍ରକୃତ ଏବଂ ସମସ୍ତ ବାସ୍ତବ ତଥ୍ୟ ଅନୁଧ୍ୟାନ କଲା ପରେ ବିଧାନସଭାରେ ଆଲୋଚନା କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବରିଷ୍ଠ ନେତା ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁବାଷ ପାଣିଗ୍ରାହୀ, ସୁକାନ୍ତ ନାୟକ, ଭାସ୍କର ମଢେଇ, ନାଉରୀ ନାଏକ, ନବଚରଣ ମାଝୀ, ▶▶ପୃଷ୍ଠା ୭

## ପୁଣି ଉପରମୁହାଁ ହେଉଛି କରୋନା ମିଟର

# ଗତ ୨୪ ଘଣ୍ଟାରେ ଚଳିତବର୍ଷର ସର୍ବାଧିକ କରୋନା ସଂକ୍ରମଣ ଚିହ୍ନଟ



ଭୁବନେଶ୍ୱର,୧୩/୦୩ (ନି.ପ୍ର): ପ୍ରାୟ ଗୋଟିଏ ବର୍ଷ ପରେ ଦେଶରେ ପୁଣି ଉପର ମୁହାଁ ହୋଇଛି କରୋନା ମିଟର । ଗତ କିଛିଦିନ ହେଲା ଲଗାତର ବଢିଚାଲିଛି କରୋନା ସଂକ୍ରମଣ । ଗତ ୨୪ ଘଂଟାରେ ଚଳିତବର୍ଷର ସର୍ବାଧିକ କରୋନା ସଂକ୍ରମଣ ରେକର୍ଡ କରାଯାଇଛି । ସାରା ଦେଶରେ ଗୋଟିଏ ଦିନରେ ୨୪ ହଜାର ୮୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ ୮୩ ଦିନରେ ଏହା ସର୍ବାଧିକ । ଗତବର୍ଷ ଡିସେମ୍ବର ମାସରେ ଗୋଟିଏ ଦିନରେ ସର୍ବାଧିକ ୨୬ ହଜାର ୬୨୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ସେହିପରି ଗୋଟିଏ ଦିନରେ ୧୪୦ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ଏଥିସହ ସାରା ଦେଶରେ ବର୍ତମାନ କରୋନା ସକ୍ରୀୟ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ଟପିଛି । ▶▶ପୃଷ୍ଠା ୭

## ପିପିଲି ଉପ-ନିର୍ବାଚନ ପ୍ରସଙ୍ଗରେ ମନ୍ତ୍ରୀ ସମୀର ଦାଶଙ୍କ ବଡ ବୟାନ

# ପ୍ରଦୀପବାବୁଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଛନ୍ତି ଲୋକେ




ଭୁବନେଶ୍ୱର,୧୩/୦୩ (ନି.ପ୍ର): ମହାରଥୀଙ୍କ ପରିବାରରୁ କାହାରିକୁ ପ୍ରାର୍ଥୀ କରିବା ପାଇଁ କହିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ । ପିପିଲି ଉପ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ । ହେଲେ ପିପିଲି ଗଡ ରକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ଆରମ୍ଭ କରିଦେଇଛି ଶାସକ ବିଜୁ ଜନତା ଦଳ । ତେବେ ଦଳ ଏଠାରୁ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ସସପେନ୍ସ ରହିଛି । କିନ୍ତୁ ଏତିକିବେଳେ ଏକ ବଡ ବୟାନ ଦେଇଛନ୍ତି ମନ୍ତ୍ରୀ ସମୀର ଦାଶ । ତାଙ୍କ କହିବା କଥା, ପିପିଲି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ବିଶେଷ ଅବଦାନ ଥିଲା । ତେଣୁ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଏଠାରୁ ପ୍ରାର୍ଥୀ କରିବା ଉଚିତ ବୋଲି ସେ ପ୍ରାସ୍ତାବ ଦେଇଛନ୍ତି । ପିପିଲି ତାଙ୍କ ପାଖ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ଲୋକଙ୍କ ମାନସିକତା କିଭଳି ଅଛି ବୋଲି ପ୍ରଶ୍ନର ଉତରରେ ମନ୍ତ୍ରୀ ସମୀର ଦାଶ ଏହିଭଳି ପ୍ରତିକ୍ରିୟା ରଖିଛନ୍ତି । ସେପଟେ ପିପିଲି ଉପନିର୍ବାଚନ ପାଇଁ ବିଜେପି ମଧ ପ୍ରସ୍ତୁତ ଥିବା କହିଛନ୍ତି ଦଳର ଉପନେତା ବିଷ୍ଣୁ ସେଠୀ ।

## ବିଶିଷ୍ଟ ପ୍ରନ୍ତତତ୍ତ୍ୱବିତ୍ ଦେବରାଜ ପ୍ରଧାନଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ବିଶିଷ୍ଟ ପ୍ରନ୍ତତତ୍ତ୍ୱବିତ୍, ଐତିହାସିକ ତଥା ରାଜ୍ୟ ଅଭିଲେଖାଗାରର ପୂର୍ବତନ ଅଧୀକ୍ଷକ ଦେବରାଜ ପ୍ରଧାନଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟୁଇଟ୍ କରିଛନ୍ତି ଯେ ବିଶିଷ୍ଟ ପ୍ରନ୍ତତତ୍ତ୍ୱବିତ୍, ଐତିହାସିକ ତଥା ରାଜ୍ୟ ଅଭିଲେଖାଗାରର ପୂର୍ବତନ ଅଧୀକ୍ଷକ ଦେବରାଜ ପ୍ରଧାନଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ । ବିରଳ ଶିଳାଲିପି ଆବିଷ୍କାର କରିବାରେ ତାଙ୍କର ସଫଳତା ସର୍ବଦା ସ୍ମରଣୀୟ ହୋଇ ରହିବ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ମାସ୍କ ନପିନ୍ଧିଲେ ବିମାନରୁ ଯାତ୍ରୀଙ୍କୁ ଓହ୍ଲାଇ ଦେବାକୁ ଡିଜିସିଏର ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୩/୦୩ : କରୋନା ସଂକ୍ରମଣ ବଢୁଥିବାରୁ ବିମାନ ଯାତ୍ରୀଙ୍କ ପାଇଁ ଜାରି ହୋଇଛି କଡା ନିୟମ । ଯାତ୍ରୀମାନେ ଠିକ୍ ଭାବରେ ମାସ୍କ ନପିନ୍ଧିଲେ ବିମାନରୁ ଓହ୍ଲାଇ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ସିଆଇଇଏସଏଫ ଓ ଦେଶର ସବୁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ତତ୍କାଳ ଏହି ନିର୍ଦ୍ଦେଶ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛି ଡାଇରେକ୍ଟର ଜେନେରାଲ ଅଫ ସିଭିଲ ଏଭିଏସନ ବା ଡିଜିସିଏ । ଠିକ୍ ଭାବରେ ମାସ୍କ ପିନ୍ଧିବା ପାଇଁ ଯାତ୍ରୀଙ୍କୁ ବାରମ୍ବାର ତାଗିଦ କରିବା ପରେ ସମ୍ପୃକ୍ତ ଯାତ୍ରୀ ଜଣକ ମାସ୍କ ଠିକ୍ ଭାବରେ ନପିନ୍ଧିଲେ ତାଙ୍କୁ ବିମାନରୁ ଓହ୍ଲାଇ ଦେବାକୁ ନିର୍ଦ୍ଦେଶ ଜାରି କରିଛି ଡିଜିସିଏ । ଏପରିକି ବିନା ମାସ୍କରେ ଯେପରି କେହି ବିମାନବନ୍ଦରକୁ ପ୍ରବେଶ କରିବେ ନାହିଁ ତା ଉପରେ ନଜର ରଖିବ ସିଆଇଏସଏଫ । ଏପରିକି ଯାତ୍ରା କରୁଥିବା ସମୟରେ ବିମାନବନ୍ଦରରେ କିଛି ଯାତ୍ରୀ ଠିକ୍ ଭାବେ ମାସ୍କ ପିନ୍ଧୁନଥିବା ଦେଖିବାକୁ ମିଳୁଥିବା କହିଛି ଡିଜିସିଏ । ଏହାକୁ ଦୃଷ୍ଟିରେ ରଖି ଏହି ନୂଆ ନିର୍ଦ୍ଦେଶ ଜାରି କରାଯାଇଛି । ଏପରିକି ଅଧିକାଂଶ ଯାତ୍ରୀ ମାସ୍କ ପିନ୍ଧିବା ନାଁରେ କେବଳ ନାକ ତଳକୁ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି । କିନ୍ତୁ ମାସ୍କରେ ପାଟି ଓ ନାକ ଉଭୟ ଘୋଡାଇ ରଖିବା ଉଚିତ । କେବଳ ଚେକିଂ ହେଉଥିବା ସ୍ଥାନରେ ମାସ୍କ ପିନ୍ଧିବା ପରେ ▶▶ପୃଷ୍ଠା ୭

## ଗ୍ରାମ ପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଗଣ ଧାରଣା ୧୭ରୁ

ଭୁବନେଶ୍ୱର,୧୩/୦୩(ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ଗ୍ରାମ ପଂଚାୟତ କର୍ମଚାରୀ, ପିଅନ, ରାତ୍ର ଜଗୁଆଳ, ଝାଡୁଦାର ସଂଘ ପକ୍ଷରୁ ଆସନ୍ତା ୧୭ ତାରିଖ ଠାରୁ ଭୁବନେଶ୍ୱର ଲୋୟର ପି.ଏମ୍.ଜି ଠାରେ ବିଶାଳ ଗଣଧାରଣା ଅନୁଷ୍ଠିତ ହେବ । ଓଡ଼ିଶାର ୬୭୯୮ ଗ୍ରାମ ପଂଚାୟତମାନଙ୍କରେ କାର୍ଯ୍ୟ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ସମୂହ ଭାବେ ଆନ୍ଦୋଳନରେ ସାମିଲ୍ ହେବେ ବୋଲି ସଂଘର କାର୍ଯ୍ୟକାରୀ ସଭାପତିରବିନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

# ଗାଡ଼ି ପାର୍କିଂକୁ ନେଇ ଗୁଳିମାଡ଼

## ପ୍ରଫେସରଙ୍କ ଗୁଳିରେ ବ୍ୟବସାୟୀ ଗୁରୁତର



ବାଲେଶ୍ୱର,୧୩/୦୩ (ନି.ପ୍ର): ଗାଡ଼ିପାର୍କିଂକୁ ନେଇ ସହରର ଗଡ଼ଗଡ଼ିଆସ୍ଥିତ ସଂଜୟ ହାଇଟ୍ସ ଆପାର୍ଟମେଣ୍ଟରେ ଆଜି ସଂଧ୍ୟାରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନାନୁସାରେ ଆପାର୍ଟମେଣ୍ଟର ୫୦୬ ନଂ ଫ୍ଲାଟରେ ଆନନ୍ଦ ସିଂହ(୪୦) ଓ ୫୧୧ ନଂର ଫ୍ଲାଟରେ ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମଣ ବେହେରା ରହି ଆସୁଥିଲେ। ତେବେ ପ୍ରଫେସର ବେହେରାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଆନନ୍ଦ ସିଂହ ଗାଡ଼ି ପାର୍କିଂ କରିବାକୁ ନେଇ ସକାଳେ ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଆପାର୍ଟମେଣ୍ଟ ସୋସାଇଟିର ହସ୍ତକ୍ଷେପ ପରେ ସଙ୍ଗେ ସଙ୍ଗେ ଗଣ୍ଡଗୋଳର ସମାଧାନ ମଧ୍ୟ ହୋଇଥିଲା। ସଂଧ୍ୟାରେ ଆନନ୍ଦ ପୁଣି ସେହି ସ୍ଥାନରେ ଗାଡ଼ି ରଖିବା ଦେଖି ପ୍ରଫେସର ବେହେରାଙ୍କ ରାଗ ପଞ୍ଚମରେ ପହଞ୍ଚିଥିଲା। ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ସହ ପ୍ରଫେସର ବେହେରା ପାଖରେ ରଖିଥିବା ବନ୍ଧୁକରୁ ଆନନ୍ଦ ସିଂହଙ୍କ ଉପରକୁ ଗୁଳି ଚଳାଇଥିଲେ। ଫାୟାରିଂ ହୋଇଥିବା ଗୋଟିଏ ରାଉଣ୍ଡ ଗୁଳି ଆନନ୍ଦଙ୍କ ପେଟରେ ବାଜିବା ସହିତ ସେ ସେଇଠି ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ଆନନ୍ଦଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ସହ ପ୍ରଫେସର ବେହେରାଙ୍କୁ ପଚରାଉଚୁରା କରୁଛି।

# ମାର୍ଚ୍ଚ ୧୫ରୁ ହୁଇଲ ଚେୟାରରେ ମମତା କରିବେ ପ୍ରଚାର

## ସେପଟେ କୋଲକାତାରେ ଆନ୍ଦୋଳନକାରୀ ଚାଷୀଙ୍କ ହୁଙ୍କାର, ବିଜେପି ବିରୋଧରେ ଗର୍ଜିଲେ ରାକେଶ ଟିକାୟତ



ପଶ୍ଚିମବଙ୍ଗ,୧୩/୦୩ (ନି.ପ୍ର): ଡାକ୍ତରଖାନାରୁ ମମତା ଦିଦି ବାହାରିବା ପରେ ପୁଣି ସରଗରମ ହୋଇଛି ପଶ୍ଚିମବଙ୍ଗର ରାଜନୀତି । ଗତକାଲି ହୁଇଲ ଚେୟାରରେ ଡାକ୍ତରଖାନାରୁ ବାହାରିଥିବା ଦିଦି ଆସନ୍ତା ୧୫ ତାରିଖରେ ପ୍ରଚାର ମୈଦାନକୁ ଓହ୍ଲାଇବେ । ଏନେଇ ଦଳ ପକ୍ଷରୁ ତିଆରି ହେଲାଣି ରୋଡମ୍ୟାପ୍ । ଏହାରି ଭିତରେ ପଶ୍ଚିମବଙ୍ଗ ରାଜନୀତିରେ ପ୍ରବେଶ କରିଛି ଚାଷୀ ଆନ୍ଦୋଳନ । ଦିଲ୍ଲୀରେ ଡେରା ପକାଇଥିବା ଚାଷୀ, କୋଲକାତାରେ ପହଁଚି, କେନ୍ଦ୍ର ସରକାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି । ତେବେ ହସ୍ପିଟାଲରୁ ଦିଦି ଫେରିବା ସହିତ ଟିଏମସି କ୍ୟାମ୍ପକୁ ବଳ ମିଳିଛି । ଦଳ ତିଆରି କରିଛି ଆଗାମୀ ରଣନୀତି ୧୪ ମାର୍ଚ୍ଚରେ ଟିଏମସି ଜାରି କରିବ ନିର୍ବାଚନୀ ଇସ୍ତାହାର, ୧୫ ମାର୍ଚ୍ଚରେ ହୁଇଲ ଚେୟାରରେ ମମତା ଓହ୍ଲାଇବେ ପ୍ରଚାରକୁ, ୧୫ ମାର୍ଚ୍ଚରେ ପୁରୁଲିଆରେ ମମତାଙ୍କ ଜନସଭା, ୧୬ ମାର୍ଚ୍ଚରେ ବାଙ୍କୁରାରେ ରାଲି କରିବେ ମମତା, ୧୭ ମାର୍ଚ୍ଚରେ ଝାରଗ୍ରାମରେ ମମତାଙ୍କ ରାଲି, ଅନ୍ୟପଟେ ପଶ୍ଚିମବଙ୍ଗ ରାଜନୀତିରେ ଆଜି ଦେଖିବାକୁ ମିଳିଛି ଏହି ରୋଚକ ଚିତ୍ର । ମୋଦୀ ବିରୋଧୀ ଭାବେ ଜଣାଶୁଣା କେନ୍ଦ୍ରୀୟ ଚେହେରା, ପୂର୍ବତନ ବିଜେପି ନେତା ଯଶୱନ୍ତ ସିହ୍ନା ତୃଣମୂଳ କଂଗ୍ରେସରେ ମିଶିଛନ୍ତି । କୋଲକାତାରେ ଦଳୀୟ କାର୍ଯ୍ୟାଳୟରେ ଟିଏମସି ପତାକା ଧରିଛନ୍ତି ଯଶୱନ୍ତ ସିହ୍ନ । ସେପଟେ ଦିଲ୍ଲୀର ଚାଷୀ ଆନ୍ଦୋଳନ ଆସି ପହଁଚିଗଲାଣି ପଶ୍ଚିମବଙ୍ଗରେ । ଆଜି କୋଲକାତାରେ ପହଁଚିଛନ୍ତି ଚାଷୀ ନେତା ରାକେଶ ଟିକାୟତ । ସଂଯୁକ୍ତ କିଷାନ ମୋର୍ଚ୍ଚା କୋଲକାତାରେ କରିଛି ମହାପଂଚାୟତ । ପଶ୍ଚିମବଙ୍ଗରେ ଅଛନ୍ତି ପ୍ରାୟ ୭୩ ଲକ୍ଷ ଚାଷୀ ପରିବାର । ଏହି ସମସ୍ତ ଚାଷୀ ପରିବାରକୁ ବିଜେପି ବିରୋଧରେ ଭୋଟ୍ ଦେବାକୁ ଅପିଲ୍ କରିବାକୁ କଲିକତାରେ ପହଁଚିଛନ୍ତି ରାକେଶ ଟିକାୟତ ।

# କୃଷକର ହକ୍ ପାଇଁ ରାଜ୍ୟବ୍ୟାପି କିଷାନ୍ ଅଧିକାର ଯାତ୍ରା ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୩ (ନି.ପ୍ର): ମହାତ୍ମାଗାନ୍ଧୀଙ୍କ ଐତିହାସିକ ଦାଣ୍ଡି ଯାତ୍ରାକୁ ସ୍ମରଣ କରି କୃଷକର ହକ୍ ପାଇଁ ଅଲ୍ ଇଣ୍ଡିଆ କିଷାନ୍ ସଂଘର୍ଷ କୋର୍ଡିନେସନ୍ କମିଟି - ଓଡିଶା ତରଫରୁ ୧୨ ମାର୍ଚ୍ଚଠାରୁ ୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ୧୨ ଦିନିଆ ରାଜ୍ୟବ୍ୟାପି କିଷାନ୍ ଅଧିକାର ଯାତ୍ରା ଉଦ୍‌ଘାଟନ ହୋଇଯାଇଛି । ଶୁକ୍ରବାର ଗାନ୍ଧୀ ପାର୍କସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଏହି ଯାତ୍ରା ଆରମ୍ଭ କରାଯାଇଛି । ଏକ ବସ୍‌ରେ ଓଡିଶାର ୧୪ଟି କୃଷକ ସଂଗଠନର ନେତୃବୃନ୍ଦ ଏହି ଯାତ୍ରାର ନେତୃତ୍ୱ ନେଇଛନ୍ତି । କୃଷି ଆଇନ ପ୍ରତ୍ୟାହାର ଦାବି କରି ରାଜ୍ୟବ୍ୟାପି ସଚେତନତା ସୃଷ୍ଟି କରିବା ଏହି ଯାତ୍ରାର ଉଦ୍ଦେଶ୍ୟ । ଏହା ବ୍ୟତୀତ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନର ଗ୍ୟାରେଂଟି ପାଇଁ ଆଇନଗତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହି ଯାତ୍ରା ଭୁବନେଶ୍ୱରରୁ ବାହାରି ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେଉଁଝର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଏବଂ ପୁରୀ ପ୍ରଭୃତି ୨୦ଟି ଜିଲ୍ଲା ଅତିକ୍ରମ କରି ୨୩ ମାର୍ଚ୍ଚ ଭଗତ୍‌ସିଂଙ୍କ ବଳିଦାନ ଦିବସରେ ରାଜ୍ୟ ସ୍ତରୀୟ କୃଷକ ଅଧିକାର ସମାବେଶ ଭୁବନେଶ୍ୱରରେ ଅନୁଷ୍ଠିତ କରାଯିବ । ସଂଯୁକ୍ତ କିଷାନ୍ ମୋର୍ଚ୍ଚାର ଅଂଶୀଦାର କୃଷକ ସଂଗଠନମାନଙ୍କର ମିଳିତ ମଂଚ ଅଲ୍ ଇଣ୍ଡିଆ କିଷାନ୍ ସଂଘର୍ଷ କୋର୍ଡିନେସନ୍ କମିଟି ତରଫରୁ ସୁରେଶ ପାଣିଗ୍ରାହୀ, ଯମେଶ୍ୱର ସାମନ୍ତରାୟ, କ୍ଷୀରୋଦ କୁମାର ସିଂହଦେଓ, ଶଶୀଭୂଷଣ ସ୍ୱାଇଁ, ଲିଙ୍ଗରାଜ, ପ୍ରଫୁଲ୍ଲ ସାମନ୍ତରା, ଦେବ ପ୍ରସାଦ ରାୟ ଏବଂ ବିଜୟ ସ୍ୱାଇଁ ପ୍ରମୁଖ ନେତୃବୃନ୍ଦ ଏହି ଯାତ୍ରାର ନେତୃତ୍ୱ ନେଇଛନ୍ତି ।

# ହୋଲ୍ଡିଂ ଓ ପ୍ରପର୍ଟି ଟ୍ୟାକ୍ସ ପ୍ରତ୍ୟାହାର ଦାବିରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୩।୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବେଆଇନ୍ ଭାବେ ୧୦ ଗୁଣା ବର୍ଦ୍ଧିତ ଘର ଟିକସ ବାବଦ (ହୋଲ୍ଡିଂ ଟ୍ୟାକ୍ସ) ଏବଂ ସଂପତି ଟିକସ (ପ୍ରପର୍ଟି ଟ୍ୟାକ୍ସ) ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସାମନ୍ତରାପୁର ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ଏହି ଟ୍ୟାକ୍ସ କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ ନଳିତାବିଡା ସଦୃଶ । ପୂର୍ବରୁ ଘର ଉପରେ ଦେୟ ଆଦାୟ ହେଉଥିବା ବେଳେ ବର୍ତ୍ତମାନ ଏହା ସଂପୂର୍ଣ୍ଣ ଜମିର ବାର୍ଷିକ ମୂଲ୍ୟ (ନିର୍ଦ୍ଧାରିତ ବେଂଚ୍ ମାର୍କ)ର ୦.୫ ପ୍ରତିଶତ ଆଦାୟ କରାଯିବ, ଯେଉଁଟାକି ସଂପୂର୍ଣ୍ଣ ଭାବେ ବେଆଇନ୍ । ଟ୍ୟାକ୍ସ ଆଦାୟ କରାଯାଉଛି କିନ୍ତୁ ଡ୍ରେନେଜ୍ ବ୍ୟବସ୍ଥା, ପରିଚ୍ଛନ୍ନତା, ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ୍ ସରବରାହ ଅବ୍ୟବସ୍ଥିତ ହୋଇ ପଡିଛି । ଯଦି ଏହି ବେଆଇନ୍ ଭାବେ ବୃଦ୍ଧି କରାଯାଉଥିବା ଟ୍ୟାକ୍ସକୁ ଭୁବନେଶ୍ୱର ମହାନଗର ନିଗମ ପ୍ରତ୍ୟାହାର ନକରନ୍ତି ତେବେ ଆଗାମୀ ଦିନରେ ଏହା ବୃହତ୍ ଆନ୍ଦୋଳନର ରୂପ ନେବ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ବିଏମ୍‌ସି ଘେରାଉ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । ପରିଶେଷରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଆଶିଷ ମଲ୍ଲିକ, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଶତ୍ରୁଘ୍ନ ବେହେରା, ବେଣୁଧର ପାତ୍ର, ଶ୍ରିୟା ମହାନ୍ତି, ଶ୍ରେୟା ପଣ୍ଡା ପ୍ରମୁଖ ଏକ ଦଶଜଣିଆ ପ୍ରତିନିଧି ଦଳ ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ସାମନ୍ତରାପୁର ଛକ ସ୍ଥିତ ବିଏମ୍‌ସି ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ଡେପୁଟି କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।

## ଚୋରା ମଦ ଜବତ ସହ ଦୁଇ ମହିଳା ଗିରଫ

କେନ୍ଦ୍ରାପଡ଼ା,୧୩।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟାପକ ଚୋରାମଦ ବିକ୍ରି ହେଉଥିବାର ଅଭିଯୋଗ ହୋଇ ଆସୁଛି । ଏନେଇ ବାରମ୍ବାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଅତିରିକ୍ତ ଜିଲ୍ଲାପାଳ ଓ ଅବକାରୀ ବିଭାଗକୁ ଅଭିଯୋଗ କଲେ ମଧ କୌଣସି ଫଳ ମିଳୁନାହିଁ । ମହାକାଳପଡା ବ୍ଲକ ଅନ୍ତର୍ଗତ ଦେଉଳୀପଡା ପଂଚାୟତରେ ଦୀର୍ଘଦିନ ହେଲା ଚୋରାମଦ ବ୍ୟବସାୟ ହେଉଥିବାରୁ ସ୍ଥାନୀୟ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ଅଭିଯୋଗ ହେଲାପରେ ଶୁକ୍ରବାର ସକାଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ମେରଦା ଗ୍ରାମର ନିରଞ୍ଜନ ବେହେରା ଓ ମାନିନୀ ସାହୁଙ୍କୁ ଚୋରା ମଦ ସହ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ରାଜ୍ୟରେ ୭୦୦ ଫାୟାର ଆଲର୍ଟ

ଭୁବନେଶ୍ୱର,୧୩।୩ (ନି.ପ୍ର): ଏଫଏସଆଇ ଜଙ୍ଗଲ ଅଗ୍ନି ସତର୍କ ସୂଚନା ଅନୁଯାୟୀ ଗତକାଲି ରାଜ୍ୟରେ ଶିମିଳିପାଳ ଜଙ୍ଗଲର ୯ଟି ଫାୟାର ଆଲର୍ଟ ସମେତ ସର୍ବମୋଟ ୭୦୦ଟି ଫାୟାର ଆଲର୍ଟ ପଞ୍ଜିକରଣ କରାଯାଇଅଛି ଏବଂ ବର୍ତ୍ତମାନ ରାଜ୍ୟରେ ଅଗ୍ନି ପରିସ୍ଥିତି ନିୟନ୍ତ୍ରଣରେ ରହିଛି । ଶିମିଳିପାଳ ଜଙ୍ଗଲ ସମେତ ରାଜ୍ୟର କିଛି ଅଂଶରେ ଗତକାଲି ବର୍ଷା ହୋଇଛି, ଯାହା ରାଜ୍ୟରେ ବନାଗ୍ନି ବିସ୍ତାରକୁ ରୋକିବାରେ ସହାୟକ ହେବ ବୋଲି ଫରେଷ୍ଟ ଫାୟାର ଟାସ୍କଫୋର୍ସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ରାଜ୍ୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଙ୍ଗଲରେ, ବନାଗ୍ନି ଯେପରି ବିସ୍ତାର ନହୁଏ ସେଥିପାଇଁ ସତର୍କ ରହିବାକୁ ସରକାର ବନ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ କହିଛନ୍ତି । ରାତିରେ ପାଟ୍ରୋଲିଂ କରିବା ସହ ଅଗ୍ନି ସତର୍କତା ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫରେଷ୍ଟ ଆଇଟି ଏବଂ ଜିଓମେଟିକ୍ ସେଂଟର ଦ୍ୱାରା ପ୍ରତିଦିନ ଏସଏନପିପି , ଏମଓଡିଆଇଏସ୍ ଉପଗ୍ରହରୁ ଏଫଏସଆଇ ମାଧ୍ୟମରେ ପ୍ରାପ୍ତ ତଥ୍ୟକୁ ବିଟ୍ ସ୍ତରର କର୍ମଚାରୀଙ୍କ ନିକଟକୁ ଅବିଳମ୍ବେ ଉପଲବ୍ଧ କରାଯାଉଛି । କ୍ଷେତ୍ର ବନକର୍ମଚାରୀ ପ୍ରାପ୍ତ ସୂଚନା ଆଧାରରେ ଫାୟାର ପଏଂଟକୁ ଯିବା ପରେ ଓଏଫ୍‌ଏମଏସ୍ ରେ ଫଟୋ ସହିତ ସୂଚନା ଅପ୍‌ଲୋଡ୍ କରୁଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାପ୍ତ ଏହି ସମସ୍ତ ଅଗ୍ନି ପଏଂଟଗୁଡ଼ିକରୁ ୯୫%ରୁ ଅଧିକ ସ୍ଥାନର ନିରାକରଣ କରାଯାଇଛି । ପିସିସିଏଫ୍ ଏବଂ ସମସ୍ତ ଡିଏଫଓଙ୍କ କାର୍ଯ୍ୟାଳୟରେ ୨୪ ଘଂଟିଆ ଫରେଷ୍ଟ ଫାୟାର ସେଲ୍(୧୮୦୦-୩୪୫୭-୧୫୮) କାର୍ଯ୍ୟ କରୁଛି । ପିଆରଆଇ ଏବଂ ସେଲ୍ଫ ହେଲ୍ପ ଗ୍ରୁପ୍ ସହାୟତାରେ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନକୁ ସୁଦୃଢ଼ କରିବାକୁ ଡିଏଫଓ କୁ ନିର୍ଦ୍ଦେଶ ଦିଆଯାଇଛି । ୨୭୧୮ ଭିଏସ୍‌ଏସ୍ ସହିତ ଜଡ଼ିତ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ପାଇଁ ଧାରାବାହିକ ବୈଠକ ଅନୁଷ୍ଠିତ ହେଉଅଛି । ଅଗ୍ନି ନିୟନ୍ତ୍ରଣରେ ସେମାନଙ୍କ ସକ୍ରିୟ ଭୂମିକା ପାଇଁ ୩୦୦୦ ଭିଏସଏସ୍ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଟାସ୍କ ଫୋର୍ସର ଦୁଇଜଣ ଭାରତ ସରକାରଙ୍କ ମେମ୍ବର, ସୁବ୍ରତ ମହାପାତ୍ର ଏବଂ ଅମିତ୍ ମଲ୍ଲିକ ଶିମିଳିପାଳ ମଧ୍ୟରେ କ୍ୟାମ୍ପ କରି ଜଙ୍ଗଲ ନିରୀକ୍ଷଣ କରୁଛନ୍ତି । ସେମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ଆଲୋଚନା କରାଯାଇ ଆବଶ୍ୟକୀୟ ଆଗାମୀ ପଦକ୍ଷେପ ନିର୍ଦ୍ଧାରିତ ହେବ ।

# ଚଳିତ ବର୍ଷ ୧୯% ଅଧିକ ଧାନ ସଂଗ୍ରହ କରାଯାଇଛି : ମନ୍ତ୍ରୀ

ଭୁବନେଶ୍ୱର,୧୩।୩ (ନି.ପ୍ର): ରାଜ୍ୟରେ ଚଳିତ ଖରିଫ୍ ଋତୁରେ ଧାନର କ୍ରୟ ହାର ୧୯% ଅଧିକ ରହିଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ଦିନ ବିଧାନସଭାରେ ବିବୃତି ରଖି କହିଛନ୍ତି । ଏହାସହ ଯଦି କୌଣସି ଯୋଗ୍ୟ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି ତେବେ ବିଧାୟକମାନେ ତାର ତାଲିକା ପ୍ରଦାନ କଲେ ତଦନ୍ତ କରି ଉପଯୁକ୍ତ କ୍ଷେତ୍ରରେ ଧାନ ଉଠାଯିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧.୨୫ ଲକ୍ଷ ଚାଷୀଙ୍କ ଠାରୁ ୬୦.୪୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଗତ ବର୍ଷ ଏହି ସମୟ ସୁଦ୍ଧା ୫୦.୮୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ବିଗତ ଖରିଫରେ ମୋଟ ୫୩.୩୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ଗତବର୍ଷ ୯.୧୭ ଲକ୍ଷ ଚାଷୀ ସରକାରଙ୍କୁ ଧାନ ବିକ୍ରୀ କରିଥିଲେ । ଅପରପକ୍ଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚାଷୀମାନେ ଟୋକନ ବୈଧତା ହରାଇଥିବା ନେଇ ଜିଲ୍ଲାପାଳମାନେ ତଦନ୍ତ କରୁଥିବା କହିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଟୋକେନ ଅବଧି ସରିବା ଯୋଗୁ ୧୫୦ଜଣ ଚାଷୀ ଧାନ ବିକ୍ରି ନଥିବା ଓ ୪୦୦ଜଣ ଭୂତ ଚାଷୀଙ୍କ ବାବଦରେ ତଦନ୍ତ ଚାଲିଥିବାବେଳେ ଦେବଗଡ଼ ଜିଲ୍ଲାରେ ୨୯୦୦ ଚାଷୀ ଟୋକେନ୍ ବୈଧତା ହରାଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ୫ହଜାର ଚାଷୀଙ୍କ ଟୋକେନ ବୈଧତା ସରିଛି । ନବରଙ୍ଗପୁରରେ ୨୦୦ଜଣ ଚାଷୀଙ୍କର ଓ ନୂଆପଡ଼ା ଜିଲ୍ଲାର ଚାଷୀଙ୍କ ଅଭିଯୋଗ ଉପରେ ଜିଲ୍ଲାପାଳମାନେ ତଦନ୍ତ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ୯୨ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁନଥିବା ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରସଙ୍ଗକୁ ନେଇ ଆଜି ଗୃହରେ ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ହେବାରୁ ବାଚସ୍ପତି ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କୁ ଉତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

# କଂଗ୍ରେସ ସେବାଦଳର ବେରବୋଇ ପଦଯାତ୍ରା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୩।୩ (ନି.ପ୍ର): ଆଜି ଓଡିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଏକ ସାଂଗଠନିକ ବୈଠକ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ ସେବାଦଳ ପ୍ରଭାରୀ ଶ୍ରୀ ଅଜିତ୍ କୁମାର ଓ ଶ୍ରୀମତୀ ଦୁର୍ଗା ଦାସ ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପତାକା ଉତୋଳନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ ଦଳୀୟ ପତାକା ଉତୋଳନ କରି ସେବାଦଳକୁ ସଂଗଠିତ ଭାବରେ ଆଗକୁ ବଢ଼ିବାକୁ ଉତ୍ସାହ ଦେଇଥିଲେ । ପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ପରିସରରେ ଥିବା ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶ୍ରୀ ପଟ୍ଟନାୟକ କହିଲେ ଯେ ସେବାଦଳ ସୁଦୃଢ଼ ହୋଇପାରିଲେ ଓ ଆଗକୁ ଯାଇପାରିଲେ କଂଗ୍ରେସ ଦଳ ସଂଗଠିତ ହୋଇପାରିବ । ଆଗାମୀ ଦିନରେ ନୂତନ ଯୁବପୀଢ଼ୀଙ୍କୁ ସେବାଦଳରେ ସାମିଲ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ । ସେବାଦଳ ପ୍ରଭାରୀ ସେବାଦଳର ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିଥିଲେ । ଆସନ୍ତା ୧୩ ତାରିଖ ଦିନ ବେରବୋଇ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଦେଶ କଂଗ୍ରେସ କମିଟିର ପଦଯାତ୍ରାରେ ସେବାଦଳ ପକ୍ଷରୁ ଅଧିକରୁ ଅଧିକ ସଂଖ୍ୟକ କର୍ମୀ ଅଂଶଗ୍ରହଣ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଉଦ୍‌ବୋଧନ ଦେଇ ଜ୍ଞାନଦେବ ବେଉରା, ବିଜୟଲକ୍ଷ୍ମୀ ସାହୁ, ଜ୍ୟୋତିଷ କୁମାର ସାହୁ, ଅଶୋକ ସିଂ, ଏମ୍.ଡି. ଶାହାଦୁଲ୍ଲା, ଗୋପାଳ ଖୁଂଟିଆ, ଜୟଦେବ ବେହେରା, ଭିଷ୍ଣୁଦେବ ସିଂ, ବୀରଭଦ୍ର ମହାନ୍ତ, କାମ୍ପାଲ ସେଠୀଆ, ଭୋଳାନାଥ ସାଗର, ରଂଜିତା ମଲ୍ଲିକ, ଏସ୍.କେ ବୁଗଦାଦ ପ୍ରମୁଖ ସେବାଦଳକୁ ସୁଦୃଢ଼ କରିବା ପାଇଁ ଉପାଦେୟ ପରାମର୍ଶମାନ ଦେଇଥିଲେ । ଶେଷରେ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକର ପ୍ରାରମ୍ଭରେ ପରଲୋକ ଗମନ କରିଥିବା ସେବାଦଳର ପୂର୍ବତନ କର୍ମକର୍ତ୍ତା ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ, ନିରେଶ ପାତ୍ର, ସୁଶାନ୍ତ ମହାପାତ୍ର, ଲଳିତ ସାହୁଙ୍କ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ବୃତିଗତ ଶିକ୍ଷାନୁଷ୍ଠାନ ସଂଶୋଧନ ବିଲ୍-୨୦୨୧ ପାରିତ

ଭୁବନେଶ୍ୱର,୧୩।୩ (ନି.ପ୍ର): ଆଇନ୍ ପ୍ରଣୟନ ପାଇଁ ଗୃହରେ ଆଗତ ହୋଇଥିବା ଓଡ଼ିଶା ବୃତିଗତ ଶିକ୍ଷାନୁଷ୍ଠାନ(ନାମଲେଖା ଓ ଫିସ୍ ଧାର୍ଯ୍ୟର ବିନିୟମ) ସଂଶୋଧନ ବିଲ୍-୨୦୨୧ ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ପାରିତ ହୋଇଥିଲା । ଏହି ବିଲ୍ ଆଲୋଚନାକୁ ବିରୋଧି ଦଳର ନେତା ଏବଂ କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ନରସିଂହ ମିଶ୍ର ବିରୋଧ କରିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ, ଧାନକିଣା ସମସ୍ୟାକୁ ନେଇ ଗୃହରେ ଅଚଳ ଅବସ୍ଥା ଦେଖାଦେଇଥିଲାବେଳେ ଆଇନ୍ ପ୍ରଣୟନ କାର୍ଯ୍ୟ ହୋଇପାରିବ ନାହିଁ । ବୁଲ୍‌ଡୋଜର ଭଳି ଗୃହକୁ ଚଳାନ୍ତୁ ନାହିଁ । ଏହି ବିଲ୍ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ ଆଗତ କରିଥିଲେ । ସେ କହିଥିଲେ ଯେ, ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଯେଉଁଭଳି ଭାବେ ଅଭିଭାବକମାନଙ୍କ ଠାରୁ ମନଇଚ୍ଛା ଫି ଆଦାୟ କରୁଥିଲେ ତାହା ବନ୍ଦ ହେବ । ସାଧାରଣ ଗରିବ, ପଛୁଆ ବର୍ଗର ପିଲାମାନେ ଏହାଦ୍ୱାରା ଉପକୃତ ହେବେ । ଅନ୍ୟପକ୍ଷରେ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ନାମ ଲେଖାଇବା ପାଇଁ ଫିସ୍ ଷ୍ଟ୍ରକଚର କମିଟିର ଅଧକ୍ଷ ପଦବୀରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ପରିବର୍ତ୍ତେ ଅବସରପ୍ରାପ୍ତ ବିଚାରପତିଙ୍କୁ ରଖିବା ଏବଂ ତାଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଦେବାପାଇଁ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଆଣିଥିବା ସଂଶୋଧନ ପ୍ରସ୍ତାବକୁ ମନ୍ତ୍ରୀ ଗ୍ରହଣ କରିଥିଲେ । ଏହି ଆଲୋଚନାରେ ଶାସକ ଦଳ ସଭ୍ୟ ଶ୍ରୀ କିଶୋର ମହାନ୍ତି ଅଂଶଗ୍ରହଣ କରିଥିଲେ ଏବଂ ଏହି ବିଲ୍ ସ୍ୱାଗତଯୋଗ୍ୟ ବୋଲି କହିଥିଲେ ।

## କଳାପ୍ରେମୀ ବାଇଧର ପରିଡ଼ାଙ୍କର ୯ମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୧୩।୩ (ନି.ପ୍ର): ବିଶିଷ୍ଟ କଳାପ୍ରେମୀ, କଳା ସଂଗଠକ, ଭୁବନେଶ୍ୱର ପଳାଶୁଣିସ୍ଥିତ ଖଣ୍ଡେଶ୍ୱରୀ କଳାସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ବାଇଧର ପରିଡ଼ାଙ୍କର ୯ମ ଶ୍ରାଦ୍ଧବାର୍ଷିକୀ ଜାଗର ଅବସରରେ ବେଦ ବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଖଣ୍ଡେଶ୍ୱରୀ କଳାସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ପରିଡ଼ାଙ୍କର ପ୍ରତିଛବିରେ ମାଲ୍ୟାର୍ପଣ କଳାପରେ ତାଙ୍କ ପୁତ୍ର ଗୌରାଙ୍ଗ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଲକ୍ଷ୍ମୀଧର ବେହେରା, ଗାୟିକା ଶ୍ରୀମତୀ କଳ୍ପନା ଓଝା, ଜଗନ୍ନାଥ ମହାନ୍ତି, ଲକ୍ଷ୍ମୀଧର ନାୟକ, ଅକ୍ଷୟ ସାହୁ, ମୁରଲୀଧର ମହାପାତ୍ର, କାଳନ୍ଦୀ ଦାସ, ସୁକାନ୍ତ ପଢିଆରୀ, ସନ୍ତୋଷ ସାହୁ, କେଦାର ପ୍ରଧାନ, ଚରଣ ଲେଙ୍କା, ସହଦେବ ତରାଇ, ଅଧ୍ୟାପକ ଶରତ କୁମାର ମଲ୍ଲିକ ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରି ଗ୍ରାମାଂଚଳରେ କଳା, ସଂସ୍କୃତିର ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଖଣ୍ଡେଶ୍ୱରୀ କଳାସଂସଦ ତରଫରୁ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୪ ଲକ୍ଷ ୪୫ ହଜାରରୁ ଅଧିକ ରାଜସ୍ୱ ମାମଲା ବିଭିନ୍ନ ଅଦାଲତର ବିଚାରାଧୀନ

ଭୁବନେଶ୍ୱର,୧୩।୩ (ନି.ପ୍ର):ତହସିଲଦାରଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ପର୍ଷଦର ସଭ୍ୟଙ୍କ ଅଦାଲତରେ ଏବେ ସର୍ବମୋଟ ୪ଲକ୍ଷ ୪୫ହଜାର ୫୦୧ଟି ମାମଲା ବିଚାରାଧିନ ଅଛି ? ତେବେ କୌଣସି ମାମଲା ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ିନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କର ଏ ସଂକ୍ରାନ୍ତୀୟ ପଶ୍ନର ଉତରରେ ରାଜସ୍ୱ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟ ସମସ୍ତ ତହସିଲରେ ସର୍ବମୋଟ ୨ଲକ୍ଷ ୮୬ହଜାର ୨୩ଗୋଟି ଦାଖଲ ଖାରଜ ମାମଲା ବିଚାରାଧିନ ଅଛି । ସେହିପରି ଭାବେ ଭୁ-ସଂସ୍କାର ଆଇନ୍‌ର ଧାରା-(କ) ଅନୁସାରେ ମୋଟ ୨୦ ହଜାର ୯୮ ଗୋଟି ମାମଲା ଏବଂ ଧାରା ୧୯(୧)(ଗ) ଅନୁସାରେ ୫ହଜାର ୫୯୦ଟି ମାମଲା ପଡ଼ିରହିଛି । ବକେୟା ମାମଲାର ସ୍ୱତନ୍ତ୍ର କ୍ୟାମ୍ପକୋର୍ଟ ମାଧ୍ୟମରେ ଫଇସଲା ପାଇଁ ସମସ୍ତ ଡିଭିଜିନାଲ ରାଜସ୍ୱ କମିଶନର ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ଗତ ୨୦୧୮ ଜୁଲାଇ ୨୫ ତାରିଖ ପତ୍ରସଂଖ୍ୟା ୨୭୩୨୮ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ରାଜସ୍ୱ ପର୍ଷଦଙ୍କ ଅଦାଲତରେ ପଡ଼ିରହିଥିବା ବକେୟା ମାମଲାର ଫଇସଲା ନିମନ୍ତେ ଭୁବନେଶ୍ୱର ଠାରେ ୩ଗୋଟି ଅତିରିକ୍ତ ଆୟୁକ୍ତ ପୁନର୍ବିଚାର ଅଦାଲତ ସ୍ଥାପିତ ହୋଇଅଛି । ରାଜସ୍ୱ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୩୪ ହଜାର ୨୮୮ଟି ଦାଖଲ ମାମଲା ପଡ଼ିଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ୨୯ ହଜାର ୧୧୬ଟି ମାମଲା ବରଗଡ଼ ଜିଲ୍ଲାରେ ୨୧ ହଜାର ୪୬୦ଟି ମାମଲା ଏବଂ ପୁରୀ ଜିଲ୍ଲାରେ ୨୧ ହଜାର ୪୦୬ଟି ମାମଲା ପଡ଼ିରହିଛି । ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ମାମଲା ହେଉଛି ୨୧୦ । ଏତଦ୍‌ବ୍ୟତୀତ ରାଜସ୍ୱ ପର୍ଷଦ ସଭ୍ୟଙ୍କ ଅଦାଲତରେ ପଡ଼ିରହିଛି ୭ହଜାର ୩୨୦ଟି ମାମଲା । କଟକ ସ୍ଥିତ ଚକବନ୍ଦୀ କମିଶନରଙ୍କ ଅଦାଲତରେ ୧୩ହଜାର ୯୨୮ଟି ମାମଲା, କଟକ ସ୍ଥିତ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନରଙ୍କ ଅଦାଲତରେ ୧୪ହଜାର ୩୬୭ଟି ଏବଂ ବ୍ରହ୍ମପୁରସ୍ଥିତ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନରଙ୍କ ଅଦାଲତରେ ୬ହଜାର ୬୬୮ଟି ମାମଲା ପଡ଼ିରହିଛି ।

# ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

**ଶିମିଳିପାଳରେ ନିଆଁ ଲିଭାଇବାକୁ ଜାତୀୟ ସ୍ତରର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ରାଜ୍ୟ ସରକାର**

ଭୁବନେଶ୍ୱର,୧୩।୩ (ନି.ପ୍ର): ଶିମିଳିପାଳ ନିଆଁର ଭୟାବହତାକୁ ନେଇ ଉଦବେଗ୍ ପ୍ରକାଶ କରି ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ନିଆଁ ଲାଗିବା ଘଟଣାର ତଦନ୍ତ କରିବାକୁ ବିରୋଧି ଦଳ ନେତା ଦାବି କରିଛନ୍ତି । ଏହାସହ ରାଜ୍ୟ ସରକାର ତୁରନ୍ତ ଜାତୀୟ ସ୍ତରରେ ଥିବା ବିଭିନ୍ନ ବିଶେଷଜ୍ଞ ମାନଙ୍କର ପରାମର୍ଶ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ଶ୍ରୀ ନାଏକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳ ହେଉଛି ଦେଶର ସବୁଠାରୁ ବଡ ଜୈବ ମଣ୍ଡଳ । ଏହାର ସୁରକ୍ଷା ଆମର ଦାୟୀତ୍ୱ । ରାଜ୍ୟ ସରକାର ଶିମିଳିପାଳ ନିଆଁ ଲିଭାଇବା ଦିଗରେ ଯେଉଁ ଭଳି ଭାବରେ ପଦକ୍ଷେପ ନେଉଛନ୍ତି ଏହା ଅତ୍ୟନ୍ତ ଧୀମା ଓ ପ୍ରଭାବିହିନ । ଦିନକୁ ଦିନ ନିଆଁ ବ୍ୟାପିବାରେ ଲାଗିଛି, ବନ ବିଭାଗ ଶୋଇଛି । ମୟୁରଭଂଜ, କୋରାପୁଟ, ଗଂଜାମ, ବାଲେଶ୍ୱର, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ ସମସ୍ତ ଜିଲ୍ଲାରେ ଜଙ୍ଗଲ ଜଳୁଛି । ଭାରତୀୟ ଜଙ୍ଗଲ ସର୍ଭେର ତଥ୍ୟାନୁସାରେ ଦେଶରେ ସର୍ବାଧିକ ଜଙ୍ଗଲ ନିଆଁ ଓଡିଶାରେ ଲାଗୁଛି । ଏହା ଅତ୍ୟନ୍ତ ଚିନ୍ତାଜନକ କଥା । ରାଜ୍ୟରେ ଲାଗୁଥିବା ଜଙ୍ଗଲ ନିଆଁ ପାଇଁ ଡିଏଫଓ ମାନଙ୍କର ଅବହେଳା ହିଁ ଦାୟୀ ଏକଥା ରାଜ୍ୟ ସରକାର ମାନିଛନ୍ତି । ଏହାର ତଦନ୍ତ ହେଉ । ରାଜ୍ୟ ସରକାର ତୁରନ୍ତ ଜାତୀୟ ସ୍ତରରେ ଥିବା ବିଭିନ୍ନ ବିଶେଷଜ୍ଞ ମାନଙ୍କର ପରାମର୍ଶ ନିଅନ୍ତୁ । ସେହିପରି ଯେଉଁ ଯେଉଁ ଜଙ୍ଗଲରେ ନିଆଁ ଲାଗିଛି ସେହି ଅଂଚଳର ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ମଧ୍ୟ ଏହି ଦିଗରେ ସାମିଲ କରାଯାଉ । ସ୍ଥାନୀୟ ସାଧାରଣଲୋକମାନଙ୍କ ସହଭାଗିତାରେ ହିଁ ଜଙ୍ଗଲ ସୁରକ୍ଷା ହୋଇପାରିବ ବୋଲି ଶ୍ରୀ ନାଏକ କହିଛନ୍ତି ।

## ମଣ୍ଡିରେ ଧାନ ବିକିବା ପାଇଁ ଦୌଡ଼ି ଦୌଡ଼ି ଚାଷୀ ହତାଶ

କେନ୍ଦ୍ରାପଡ଼ା,୧୩।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କୁତରଙ୍ଗ ଠାରେ ଥିବା କୃଷି ସେବା ସମବାୟ ସମିତି ଧାନ ନେଉ ନଥିବାରୁ ଚାଷୀମାନେ ଦୌଡି ଦୌଡି ହତାଶ ହେଲେଣି । ଏହି ସେବା ସମବାୟ ସମିତି ଅଧିନରେ ଥିବା କେତେକ ଚାଷୀଙ୍କର ଟୋକନ ଅବଧି ଥିବାବେଳେ ଆଉ କେତେକ ଚାଷୀଙ୍କର ଟୋକନ ଅବଧି ସରିଯାଇଛି । ମଣ୍ଡିରେ ଧାନ ଦେବାପାଇଁ ଚାଷୀମାନେ ଜିଲ୍ଲାପାଳ,ଏଆରସିଏସ୍, ସିଏସ୍‌ଓ କାର୍ଯ୍ୟାଳୟକୁ ଦୌଡୁଛନ୍ତି । ହେଲେ ଟାର୍ଗେଟ୍ ନଥିବାର କହି ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନେ ଚାଷୀଙ୍କୁ ଭଣ୍ଡାଉଥିବା ବେଳେ ଚାଷୀମାନଙ୍କ ଧାନ ମଣ୍ଡିରେ ଓ ଘରେ ପଡିରହି ନଷ୍ଟ ହେଉଛି ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସୁବର୍ଣ୍ଣ ଜୟନ୍ତୀ ସମାରୋହ

କୋରାଇ,୧୩।୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ପୂର୍ଣ୍ଣତୋୟା ବାବା ଲିଙ୍ଗେଶ୍ୱର ପୀଠର ଲିଙ୍ଗେଶ୍ୱର ଉନ୍ନୟନ କମିଟି ଚଳିତ ବର୍ଷ ପାଳନ କରିଛି ତାର ସୁବର୍ଣ୍ଣ ଜୟନ୍ତୀ । କମିଟିର ସଭାପତି ଦୈତାରୀ ଧଳଙ୍କ ସଭାପତିତ୍ୱରେ ପ୍ରଧାନ ଗୁରୁଜୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏଡିଏମ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ସମ୍ମାନୀତ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଚକ୍ରପତି କହଁର, କାହ୍ନୁ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଂଟିଆ ମୁଖ୍ୟ ବକ୍ତାଭାବେ ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡଃ ରୁଦ୍ର ନାରାୟଣ ପୃଷ୍ଟି ଓ ସମ୍ମାନୀତ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଂଟିଆ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍ଘାଟନ କରିଥିଲେ । ଗୋଲକ ଚନ୍ଦ୍ର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିତ୍ୟାନନ୍ଦ ପରିଡା ସମ୍ପାଦକୀୟ ବିବରଣ ପାଠ ଓ କୋଷାଧ୍ୟକ୍ଷ ରମେଶ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଦସ୍ୟ ଦାମୋଦର ଧଳ, ଶରତ ଚନ୍ଦ୍ର ଧଳ, ବୃନ୍ଦାବନ ସାହୁ, ପ୍ରତାପ ଧଳ, ଗଦାଧର ଧଳ, ବାସୁଦେବ ପରିଡା, ପ୍ରମୋଦ ସାହୁ, ବିଷ୍ଣୁ ଚରଣ ଧଳ, ନିକୁଂଜ ବିହାରୀ ସାହୁ, ମାନସ ଧଳ ଓ ଗୁରୁମା ଏବଂ ଛାତ୍ରୀଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ମୂଳାପାଳ, ବ୍ରଜନଗର, ବରପଦା ଗ୍ରାମାବାସୀ ଓ ଭକ୍ତ ଓ ଦର୍ଶକ ଉପସ୍ଥିତ ଥିଲେ ।


# ପିଏଚଡି ଛାତ୍ରଛାତ୍ରୀଙ୍କୁ ୧୫ ହଜାର ଟଙ୍କାର ଫେଲୋସିପ୍

**ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ରାଜ୍ୟରେ ଗବେଷଣା ସଂସ୍କୃତିକୁ ବ୍ୟାପକ କରିବ : ଉଚ୍ଚଶିକ୍ଷା ମନ୍ତ୍ରୀ**

ଭୁବନେଶ୍ୱର,୧୩।୩ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ରାଜ୍ୟରେ ଗବେଷଣା ସଂସ୍କୃତିକୁ ବ୍ୟାପକ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଯୋଜନା ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରରେ ପହଂଚାଇବା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଗଣଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ପୁସ୍ତକ ଭବନଠାରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହିତ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଛନ୍ତି ଯେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଣୟନ କରାଯାଇଥିବା ଏହି ଯୋଜନାରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଯୁବ ଅଧ୍ୟାପକଅଧ୍ୟାପିକାମାନଙ୍କୁ ଗବେଷଣା ନିମନ୍ତେ ଦୁଇବର୍ଷ ନିମନ୍ତେ ୫ ଲକ୍ଷ ଟଙ୍କା ସିଡ୍ ଫଣ୍ଡ ପ୍ରଦାନ, ଏନ୍‌ଇଟିରେ ଚୟନ ହୋଇଥିବା ଓ ରାଜ୍ୟ ବିଶ୍ୱବିଦ୍ୟାଳୟ କିମ୍ବା ରାଜ୍ୟ ଶିକ୍ଷାନୁଷ୍ଠାନରେ ପୂର୍ଣ୍ଣକାଳୀନ ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି କାର୍ଯ୍ୟକ୍ରମ ନିମନ୍ତେ ମାସିକ ୧୫ ହଜାର ଟଙ୍କାର ଫେଲୋସିପ୍ ୪ ବର୍ଷ ନିମନ୍ତେ ପ୍ରଦାନ ଏବଂ ସନ୍ଦର୍ଭ ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ସିଡ୍ ଫଣ୍ଡ ନିମନ୍ତେ ଯୁବ ଅଧ୍ୟାପକଅଧ୍ୟାପିକାମାନଙ୍କ ବୟସ ସୀମା ୪୫ ବର୍ଷ ରଖାଯାଇଥିବାବେଳେ ଫେଲୋସିପ୍ ନିମନ୍ତେ ବୟସ ସୀମା ୩୫ ବର୍ଷ ରଖାଯାଇଛି । ଗତବର୍ଷ ଏହି ବୟସସୀମା ଯଥାକ୍ରମେ ୪୦ ଓ ୩୦ ବର୍ଷ ଥିବାବେଳେ ୨୦୨୦ ବର୍ଷ ନିମନ୍ତେ ଏହାକୁ ୫ ବର୍ଷ ବୃଦ୍ଧି କରାଯାଇଛି । ଏଥିରେ ମହିଳାମାନଙ୍କ ନିମନ୍ତେ ୪୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ୩୫ ବିଷୟରେ ଏହି ଫେଲୋସିପ୍ ପ୍ରଦାନ କରାଯାଉଛି । ଏହି ଯୋଜନା ୨୦୧୯ ମସିହାରୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି । ୨୦୧୯ ମସିହାରେ ୧୩ଟି ରାଜ୍ୟ ଜୁନିଅର ରିସର୍ଚ୍ଚ ଫେଲୋ ଏବଂ ୪୦ଟି ସିଡ୍ ଫଣ୍ଡ ଅନୁଦାନ ପ୍ରଦାନ କରାଯାଇଥିଲା । ବିଜ୍ଞାନ, ଇଂଜିନିୟରିଂ, କଳା, ଭାଷା, ସାହିତ୍ୟ, ସାମାଜିକ ବିଜ୍ଞାନ ଆଦି କ୍ଷେତ୍ରରେ ଏହି ଅନୁଦାନ ପ୍ରଦାନ କରାଯାଇଥିଲା । ୨୦୨୦ ବର୍ଷର ଅନୁଦାନ ଚୟନ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥି ପାଇଁ ଡିସେମ୍ବର ୨୦୨୦ରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିରେ ୧୬୬ଟି ଆବେଦନ ପତ୍ର ମିଳିଥିବାବେଳେ ୧୩ଟି ଆବେଦନ ଅନୁପଯୁକ୍ତ ଥିବାରୁ ଖାରଜ ହୋଇଯାଇଥିଲା । ୧୫୩ଟି ପ୍ରସ୍ତାବକୁ ଅଭିଜ୍ଞ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ସମୀକ୍ଷା କରାଯାଇଥିଲା । ଏଥିରୁ ବଛା ଯାଇଥିବା ୧୦୬ଟି ପ୍ରସ୍ତାବ ଚୟନ କମିଟି ସମ୍ମୁଖରେ ଉପସ୍ଥାପନ କରାଯିବ । ଏହି ଉପସ୍ଥାପନ କାର୍ଯ୍ୟକ୍ରମ ମାର୍ଚ୍ଚ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏଥି ମଧ୍ୟରୁ ସିଡ୍ ଫଣ୍ଡ ଅନୁଦାନ ନିମନ୍ତେ ୪୦ଟି ପ୍ରସ୍ତାବକୁ ଚୟନ କରାଯିବ । ଏହି ଯୋଜନା ରାଜ୍ୟରେ ଗବେଷଣା ନିମନ୍ତେ ଏକ ନୂତନ ବାତାବରଣ ସୃଷ୍ଟି କରିଥିବାବେଳେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତୀର୍ଣ୍ଣ ହୋଇ ଦେଶବିଦେଶରେ ଗବେଷଣା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅନେକ ପୁରାତନ ଛାତ୍ରଛାତ୍ରୀ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣା ଦିଗରେ ସହଯୋଗ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଜନାର ବିଭିନ୍ନ ଦିଗ ସଂପର୍କରେ ବିଶଦ ଭାବରେ ଆଲୋଚନା କରିବା ସହିତ ଏହା ଦ୍ୱାରା ରାଜ୍ୟର ଯୁବ ଗବେଷକମାନେ ବହୁଳ ଭାବେ ଉପକୃତ ହେବେ ବୋଲି କହିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୯**

(ପୂର୍ବପ୍ରକାଶିତ ଉତ୍ତାରୁ...)

ସେହି ସମୟରେ ଓଡ଼ିଶା ବଙ୍ଗ ପ୍ରଦେଶ ସହିତ ସମ୍ମିଳିତ ଥିଲା । ବଙ୍ଗ, ବିହାର ଓ ଓଡ଼ିଶା ମିଶି ଏକ ପ୍ରଦେଶ ଥିଲା । ୧୯୧୧ ମସିହାରେ ବଙ୍ଗ ପ୍ରଦେଶରୁ ବିହାର ଓ ଓଡ଼ିଶା ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ବଙ୍ଗ ପ୍ରଦେଶ ସହିତ ଓଡ଼ିଶା ସମ୍ମିଳିତ ଥିବା ସମୟରେ ୧୯୦୬ ମସିହା ପର୍ଯ୍ୟନ୍ତ କମିଶନର ଓଡ଼ିଶା ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ବର୍ଷରେ ଥରେ ଯାଇ କେତେକ ଗଡ଼ଜାତ ରାଜ୍ୟ ବୁଲି ଆସନ୍ତି । ପ୍ରତ୍ୟକ୍ଷ ଶାସନ ପରିଦର୍ଶନ ସକାଶେ ଜଣେ ଡେପୁଟି କଲେକ୍ଟର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ରହିଥାନ୍ତି । ମୁଁ କଟକରେ କଲେଜରେ ପଢୁଥିବା ସମୟରେ ଏହି ପଦରେ ଥିଲେ ଡେପୁଟି କଲେକ୍ଟର ସୁଦାମଚରଣ ନାୟକ । ଗଡ଼ଜାତ ରାଜାମାନେ ତାଙ୍କ ଦର୍ଶନ ଲାଳସାରେ ଉପସ୍ଥିତ ହୋଇଥାନ୍ତି । କେତେକ ବଡ଼ ବଡ଼ ରାଜ୍ୟର ରାଜାମାନଙ୍କୁ ସୁଦ୍ଧା ମୁଁ ତାଙ୍କ ଘରେ ବସିଥିବା ଦେଖିଛି ।

କମିଶନର ରମେଶଚନ୍ଦ୍ର ଦତ୍ତ ଯେଉଁ ଗଡ଼ଜାତକୁ ଯାଇ ବୁଲି ଆସନ୍ତି, ଫେରିଲା ପରେ ସେହି ସ୍ଥାନର ଇତିହାସ, ସମାଜ ପ୍ରଭୃତି ବିଷୟରେ ଇଂରେଜିରେ ପ୍ରବନ୍ଧମାନ ସମ୍ବାଦପତ୍ରରେ ପ୍ରକାଶ କରନ୍ତି । ଏହିପରି ଗୋଟିଏ ବିଷୟ ମୋର ମନେହେଉଛି । ସେ ଲେଖିଥିଲେ, ଦଶପଲ୍ଲା ଭ୍ରମଣରେ ଯାଇଥିବା ସମୟରେ ଜଣକେତେ ପଇତା ପକାଇଥିବା ଗଣ୍ଡ ଜାତୀୟ ଲୋକଙ୍କୁ ବ୍ରାହ୍ମଣ ମନେକରି ନମସ୍କାର କରିଥିଲେ ଓ ପରେ ନିଜ ଭ୍ରମ ବୁଝିପାରିଥିଲେ । ୧୯୦୫ ମସିହାରେ ସମ୍ବଲପୁର ସହିତ ମଧ୍ୟପ୍ରଦେଶରେ ଥିବା ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହେବାରୁ ଏ ସମସ୍ତ ଗଡ଼ଜାତ ସହ ଓଡ଼ିଶାର କମିଶନରଙ୍କ ଅଧୀନରେ ଥିବା ରାଜ୍ୟମାନେ ଜଣେ ସ୍ୱତନ୍ତ୍ର ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା ।

ଏହି ସମୟରେ ଓଡ଼ିଶାର ସମ୍ବାଦପତ୍ର ମଧ୍ୟରେ କଟକରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦିତ 'ଉତ୍କଳଦୀପିକା', ବାଲେଶ୍ୱରରୁ 'ଓଡ଼ିଆ ଓ ନବ ସମ୍ବାଦ' ଓ 'ସମ୍ବାଦ ବାହିକା', ବାମଣ୍ଡା ରାଜ୍ୟସ୍ଥ ଦେବଗଡ଼ରୁ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦିତ 'ସମ୍ବଲପୁର ହିତୈଷିଣୀ', ଗଞ୍ଜାମରୁ 'ପ୍ରଜାବନ୍ଧୁ', ସମ୍ବଲପୁରରୁ ଶ୍ରୀପତି ମିଶ୍ରଙ୍କ ସମ୍ପାଦିତ 'ଉତ୍କଳ ଦର୍ପଣ', ବାରିପଦାରୁ ବୈଦ୍ୟନାଥ ଦାସଙ୍କ ସମ୍ପାଦିତ 'ମନୋରମା' ପ୍ରକାଶିତ ହେଉଥିଲା । ସାହିତ୍ୟ କ୍ଷେତ୍ରରେ ଇନ୍ଦ୍ରଧନୁ ଓ ବିଜୁଳିର ସଂଘର୍ଷ ସେହି ମାତ୍ର ତିରୋହିତ ହୋଇ ବିଶ୍ୱନାଥ କରଙ୍କ ସମ୍ପାଦକତ୍ୱରେ 'ଉତ୍କଳସାହିତ୍ୟ' ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ଅଧିକାର କରିଥିଲା । କେତେକ ଦିନ ବ୍ରଜସୁନ୍ଦର ଦାସଙ୍କ ସମ୍ପାଦିତ 'ମୁକୁର' ଓ ଆଉ କେତେକ ସାହିତ୍ୟ ପତ୍ରିକା ପ୍ରକାଶିତ ହୋଇ ଲୟପ୍ରାପ୍ତ ହେଲା । ସର୍ବତ୍ର, ବିଶେଷତଃ କଲେଜ ଛାତ୍ରଙ୍କ ମଧ୍ୟରେ ସାହିତ୍ୟଚର୍ଚ୍ଚା ହେଉଥିଲା । କବିବର ରାଧାନାଥଙ୍କ ପ୍ରତିଭା ସର୍ବତ୍ର ବ୍ୟାପ୍ତ ହୋଇଥିଲା । ତାଙ୍କ ସଙ୍ଗେ ଭକ୍ତକବି ମଧୁସୂଦନ ରାଓଙ୍କ ଭକ୍ତିପୂର୍ଣ୍ଣ କବିତାବଳୀ, ରାମଶଙ୍କର ରାୟଙ୍କ 'ବିବାସିନୀ', ଉପନ୍ୟାସ ଓ 'କାଞ୍ଚି-କାବେରୀ' ପ୍ରଭୃତି ନାଟକମାନ, ନନ୍ଦକିଶୋର ବଳଙ୍କ 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', 'କୃଷ୍ଣକୁମାରୀ', ସୀତା ବନବାସ' କାବ୍ୟମାନ ଓ ଗଙ୍ଗାଧର ମେହେରଙ୍କ 'ଇନ୍ଦୁମତୀ', 'କୀଚକ ବଧ' ଓ କ୍ଷୁଦ୍ର କ୍ଷୁଦ୍ର କବିତାମାନ, ବିଶେଷତଃ ଯୁବକ ପାଠକମାନଙ୍କ ମଧ୍ୟରେ ପ୍ରବଳ ଉନ୍ମାଦନା ସୃଷ୍ଟି କରିଥିଲା । କାମପାଳ ମିଶ୍ରଙ୍କ 'ସୀତା ବିବାହ' ନାଟକ ତୀବ୍ର କଟୁଭାଷାରେ ଉତ୍କଳ ସାହିତ୍ୟ ମାଧ୍ୟମରେ ସମ୍ପାଦକ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିକୂଳ ଭାବରେ ସମାଲୋଚିତ ହୋଇଥିଲେ ମଧ୍ୟ ତାହାର ଅଭିନୟ ସ୍ଥାନେ ସ୍ଥାନେ ହେଉଥିଲା ଓ ଦର୍ଶକମାନେ ଆଗ୍ରହ ସହକାରେ ତାହା ଉପଭୋଗ କରୁଥିଲେ । ଗଞ୍ଜାମର ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଶବ୍ଦବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ' ଏହି ସମୟର ରଚନା । ନନ୍ଦଙ୍କ ନବଆବିଷ୍କୃତ ସଂସ୍କୃତ ଶ୍ଳୋକ ଛନ୍ଦରେ ଓଡ଼ିଆ କବିତା ରଚନା କୌତୁକ ଉତ୍ପାଦନ କରୁଥିଲା । ପଣ୍ଡିତଙ୍କ ରଚିତ 'ମେଘଦୂତ'ର 'ଧୂମଜ୍ୟୋତିଃ ସଳିଳ ମରୁତଃ ସନ୍ନିପାତଃ କ୍ୱମେଘଃ' ରୁ ଓଡ଼ିଆ ଅନୁବାଦ 'ଧୂମ ଜ୍ୟୋତି ସଳିଳ ମରୁତ ମିଶ୍ରଣ ମେଘ କୋଠେ' ସହିତ ଗୋପାଳ ପ୍ରହରାଜଙ୍କ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା'ରେ ବର୍ଣ୍ଣିତ, 'ପଣ୍ଡା ପିଣ୍ଡାତଳକୁ ଗଡ଼ିଲେ ମଣ୍ଡପେ ଶାସନୀୟେ' ଓ ମସ୍ତରାମ ପାଗଳର ମୁଖରେ 'ଠେଙ୍ଗା ବାହୁଛଟା ସମର୍ଥ ଗୋଇଠା ଚେଙ୍ଗା ମୁଖ ଚେଙ୍ଗିବା' ତାଳ ଦେଦଉଥିଲା । ଆଉ କେତେ ସାନବଡ କବି ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ବାହୁଲ୍ୟ ଭୟରେ ଏମାନଙ୍କ ଆଲୋଚନା ପରିତ୍ୟକ୍ତ ହେଲା ।

ଅତିଥିପରାୟଣ ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସଙ୍କ ମହିଦାସ ବଜାରସ୍ଥ ବାସଭବନ ଏକ ଅତିଥିଶାଳାରେ ପରିଣତ ହୋଇଥିଲା । ଏହିଠାରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଗୋପବନ୍ଧୁ ଦାସ ପ୍ରଭୃତି ଦେଶଭକ୍ତଗଣ ମିଳିତ ହୁଅନ୍ତି ଓ ଦେଶୋନ୍ନତି ସମ୍ବନ୍ଧରେ ଚର୍ଚ୍ଚା କରନ୍ତି । ଆମ୍ଭମାନଙ୍କ ମଧ୍ୟରୁ କେତେକ କଲେଜ ଛାତ୍ର ମଧ୍ୟ ସେମାନଙ୍କ କଥା ଶୁଣିବାକୁ ଯାଉଁ । ଦିନେ ଅନେକ ଭଦ୍ରବ୍ୟକ୍ତି ତାଙ୍କ ଗୃହରେ ସମବେତ ହୋଇଥିଲେ । ସେଦିନ ନାନା ବିଷୟ ମଧ୍ୟରେ ବିଶେଷ ଭାବରେ ଆଲୋଚିତ ହେଲା, 'ଶିକ୍ଷିତ ଓଡ଼ିଆମାନେ ଇଂରେଜୀ ମିଶା ଓଡ଼ିଆ ବ୍ୟବହାର କରୁଥିବାରୁ କ୍ଷୋଭ ପ୍ରକାଶ' । ଆମ୍ଭେମାନେ ସ୍କୁଲ କଲେଜରେ ଇଂରେଜୀ ଭାଷା ଶିକ୍ଷାରେ ଯେତେ ମନଯୋଗ ଦେଉଁ ନିଜ ମାତୃଭାଷା ପ୍ରତି ତହିଁର କିୟଦଂଶ ମାତ୍ର ମନଯୋଗ ଦେଉଥିଲେ ମାତୃଭାଷାର ଆଶାତୀତ ଉନ୍ନତି ହେଉଥାନ୍ତା । ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ ଏହି ବିଷୟରେ ଆଲୋଚନା ଏତେ ଉତ୍ତେଜନା ସୃଷ୍ଟିକଲା ଯେ କଟକ ପ୍ୟାରୀମୋହନ ଏକାଡେମୀର ହେଡ଼ମାଷ୍ଟର ଶ୍ରୀ ନିମାଇଁଚରଣ ଚ୍ୟାଉପଟ୍ଟନାୟକ ଛିଡ଼ାହୋଇ ପଡ଼ିଲେ ଓ ହାତ ହଲେଇ ଉଚ୍ଚସ୍ୱରରେ କହିଲେ, "ଭାଇମାନେ ! ପ୍ରତିଜ୍ଞା କର ଯେ ଆଜିଠାରୁ ସମସ୍ତେ ପିଓର ଓଡ଼ିଆ କହିବା ।" ଗୋପବନ୍ଧୁ ଦାସ ସ୍ୱୀୟ ସ୍ୱଭାବ-ସୁଲଭ ବ୍ୟଙ୍ଗ- ମିଶ୍ର ଭାଷାରେ କହିଲେ- "ପଟ୍ଟନାୟକେ ! ସଙ୍ଗେ ସଙ୍ଗେ ପ୍ରତିଜ୍ଞା ଭଙ୍ଗ । ଓଡ଼ିଆଙ୍କ ଦେଇ କିଛି ହେବ ନାହିଁ ।"


୧୯୦୩ ମସିହାରେ ସ୍ୱର୍ଗୀୟ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା । ତହିଁରେ ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତି ହୋଇଥିଲେ ।

୧୯୦୪ ମସିହା ଡିସେମ୍ବର ମାସରେ ଦ୍ୱିତୀୟ ଅଧିବେସନରେ ଧରାକୋଟ ରାଜା ମଦନମୋହନ ସିଂହ ସଭାପତିତ୍ୱ କରିଥିଲେ । ଅନେକ କଲେଜ ଛାତ୍ର ତହିଁରେ ସ୍ୱେଚ୍ଛାସେବକ କାର୍ଯ୍ୟ କରିଥିଲେ । ମୁଁ ମଧ୍ୟ ସେମାନଙ୍କ ସହିତ ଯୋଗଦାନ କରିଥିଲି । ଯୁବକ ଛାତ୍ରମାନଙ୍କ ମନରେ ସେହି ସମୟରେ ସ୍ୱଦେଶୀ ପ୍ରତି ଯେଉଁ ଉନ୍ମାଦନା ସୃଷ୍ଟି ହୋଇଥିଲା, ତାହା ମୁଁ ସ୍ପଷ୍ଟ ଭାବରେ ଅନୁଭବ କରୁଥିଲି । ଏହି ଅଧିବେଶନରେ ସ୍ୱେଚ୍ଛାସେବୀମାନଙ୍କ ନେତ୍ରୀ ହୋଇଥିଲେ ମଧୁସୂଦନ ଦାସଙ୍କ ପାଳିତା କନ୍ୟା ଶ୍ରୀମତୀ ଶୈଳବାଳା । ସେହି ସମୟରେ ଆମ୍ଭେମାନେ ଜାଣିଥିଲୁଁ ଯେ, ଶ୍ରୀମତୀ ଶୈଳବାଳା ଶିକ୍ଷିତା। କଟକରେ ବି.ଏ. ପର୍ଯ୍ୟନ୍ତ ପଢ଼ିଥିଲେ ଓ ମଧୁବାବୁଙ୍କ କନ୍ୟା ବୋଲି ସମସ୍ତେ ତାଙ୍କୁ ସ୍ନେହ ଓ ସମ୍ମାନ ଚକ୍ଷୁରେ ଦର୍ଶନ କରୁଥିଲେ । ସେ କିନ୍ତୁ ଓଡ଼ିଆ ଭାଷାରେ କଥାବାର୍ତ୍ତା ନକରି ଓଡ଼ିଆଙ୍କ ସହିତ ଶୁଦ୍ଧ ବଙ୍ଗଳା ବ୍ୟବହାର କରନ୍ତି । ମଧୁବାବୁ ମଧ୍ୟ ଓଡ଼ିଆଙ୍କ ସହିତ ମାତୃଭାଷାରେ କଥାବାର୍ତ୍ତା କରୁଥିବା ଅବସରରେ ଶୈଳବାଳାଙ୍କ ସହିତ କଥା କହିବା ଆବଶ୍ୟକ ହେଲେ ବଙ୍ଗଳା ଭାଷା ବ୍ୟବହାର କରନ୍ତି । ସମ୍ମିଳନୀର ଅଧିବେଶନରେ ଶୈଳବାଳାଙ୍କୁ ଭାଷଣ ଦେବାକୁ ହୋଇଥିଲା। ତାହା ମଧ୍ୟ ବଙ୍ଗଳା ଭାଷାରେ ଦେଇଥିଲେ । ଏଥିରେ ଆମ୍ଭେମାନେ ବ୍ୟଥିତ ହେଉଥିଲୁ ଓ ଯେତେବେଳେ ଆମ୍ଭେମାନେ ଦିନେ ମଧୁବାବୁଙ୍କ ଠାରେ ଏହି ବିଷୟରେ ଆମ୍ଭମାନଙ୍କ କ୍ଷୋଭସୂଚକ ମତବ୍ୟକ୍ତ କଲୁଁ, ସେ ଲଜ୍ଜା ପ୍ରକାଶ କରିଥିଲେ ।

୧୯୦୭ ମସିହାର ପ୍ରବଳ ବନ୍ୟାରେ କେନ୍ଦ୍ରାପଡ଼ା ଅଞ୍ଚଳ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲା । ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଆମ୍ଭେମାନେ ବନ୍ୟାକ୍ଲିଷ୍ଟ ଅଞ୍ଚଳର ସାହାଯ୍ୟ ସକାଶେ କଟକରେ ଚାନ୍ଦା ସଂଗ୍ରହ କରିବାରେ ଲାଗିଲୁ । ଅନେକ ଟଙ୍କା ସଂଗୃହୀତ ହୋଇଥିଲା ଓ କେନ୍ଦ୍ରାପଡ଼ାକୁ ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଯାଇ ସେହି ଅଞ୍ଚଳର ବନ୍ୟା-ପ୍ରପୀଡ଼ିତ ଲୋକଙ୍କ ଯଥେଷ୍ଟ ସାହାଯ୍ୟ କରିଥିଲୁ । ଏହି ସୁଯୋଗରେ ମୁଁ ଗୋପବନ୍ଧୁ ବାବୁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ମୋ ଭାଗ୍ୟରେ ଘଟିଥିଲା । ସେହି ଅଞ୍ଚଳର ଲୋକେ ବନ୍ୟାଯୋଗୁଁ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲେ । ମଧୁବାବୁ ଗୋପବନ୍ଧୁ ବାବୁଙ୍କ ଆହ୍ୱାନରେ ଏହି ଅଞ୍ଚଳକୁ ଯାଇ ଲୋକଙ୍କ ସାହାଯ୍ୟ ସକାଶେ ସରକାରଙ୍କଠାରେ ଦାବି ଜଣାଇଥିଲେ । କିନ୍ତୁ ତତ୍କାଳୀନ ବଙ୍ଗଳାର ଛୋଟ ଲାଟ୍ ସାର୍ ଏଣ୍ଡୃଫ୍ରେଜର ତାଙ୍କ କଥାରେ ବିଶ୍ୱାସ ସ୍ଥାପନ ନକରି କୌଣସି ପ୍ରତିକାର କଲେନାହିଁ !

କଟକ ମ୍ୟୁନିସିପାଲିଟି ପଡ଼ିଆରେ ସରକାରଙ୍କ ଏହି ବ୍ୟବହାରର ପ୍ରତିବାଦ ସକାଶେ ଗୋଟିଏ ସଭା ହୋଇଥିଲା । ତହିଁରେ ବିଲାତ ପାର୍ଲିଆମେଣ୍ଟର ସଭ୍ୟ ମି: ନେଭିନ୍‌ସନ୍ ସ୍ୱୟଂ ଉପସ୍ଥିତ ଥିଲେ । ଉକ୍ତ ସଭାରେ କ୍ଷୁତ୍‌ପୀଡ଼ିତ ଅସ୍ଥିଚର୍ମସାର ଜଣ କେତେ ଲୋକଙ୍କୁ ଉପସ୍ଥିତ କରାହୋଇଥିଲା ।

(କ୍ରମଶଃ)



## ଡାଏରୀ -୫୬



ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡ଼ିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

# ମଗ୍ନା ମିଶ୍ର ଓ ଛୋଟ ପୃଥିବୀର ମଣିଷ

ସବୁ ସୁନ୍ଦରୀ ଝିଅଙ୍କର ହୃଦୟ ଓ ହସ୍ତାକ୍ଷର ଯେ' ସୁନ୍ଦର ହୋଇପାରେ ଏମିତି ବିଶ୍ୱାସ ନଥାଏ ରଜନୀ ଦାଶର । ତେବେ ପ୍ରଥମ ଦେଖାରେ ଝିଅଟି ପ୍ରତି ଇମ୍ପ୍ରେସଡ୍ ହୋଇପଡ଼ିଥିଲା ରଜନୀ ଦାଶ । ଜଣେ ବୟସ୍କ ଡିରେକ୍‌ଟର କମ୍ ମ୍ୟୁଜିକ ଡିରେକ୍‌ଟର (ଟୁଇନ୍‌ୱାନ୍) ଝିଅଟିକୁ ଇଣ୍ଟ୍ରୋଡ୍ୟୁସ୍ କରି କହିଲେ, "ଦେଖନ୍ତୁ ୟାର ହ୍ୟାଣ୍ଡ ରାଇଟିଂ ସୁନ୍ଦର; ଲିଟରେଚର୍‌ରେ ଇଣ୍ଟ୍ରେଷ୍ଟ ଅଛି । ସ୍କ୍ରିପ୍ଟରାଇଟିଂରେ ଆପଣଙ୍କୁ ଆସିଷ୍ଟ କରିପାରେ ।"

ଲେଖାଲେଖିଟା ଗୋଟାଏ ଫ୍ଲୋ ।

ଇମୋସନ୍ ଆଉ ଇମାଜିନେସନର କୋଲାବ୍ । ଏଥିରେ ପୁଣି ସହାୟକର ଆବଶ୍ୟକତା ଆସିଲା କୋଉଠି ? ରାତାରାତି ଲେଖକ ହେବାର ନିଶାରେ ଅନେକ ଆସନ୍ତି ବିଶେଷ କରି ଫିଲ୍ମ/ଟି.ଭି ପାଇଁ, କିନ୍ତୁ ଗଳ୍ପ, କବିତା ଅପେକ୍ଷା ସ୍କ୍ରିପ୍ଟିଂରେ ବୈଷୟିକଜ୍ଞାନ ନିହାତି ଜରୁରୀ; ପ୍ରଚୁର ପଢ଼ାପଢ଼ିର ଆବଶ୍ୟକତା ବି ଥାଏ । ତା'ଛଡ଼ା ଓଭର ଆମ୍ବିସିଅସ ପିଲାମାନଙ୍କୁ ବି ରଜନୀ ଦାଶ ଟଲରେଟ୍ କରିପାରେନା । ତେଣୁ ସେ କାହାରିକୁ ନିଜର ସହାୟକ କରିବା ପାଇଁ ଇଚ୍ଛା ପ୍ରକାଶ କରେନି ।

ତେବେ ଝିଅଟି ଥିଲା ସୁନ୍ଦରୀ ଓ ସରଳ ମନେହେଉଥିଲା । ତାକୁ ମନାକରି ପାରିଲାନି । ରଜନୀ ଦାଶର କଦର୍ଯ୍ୟ ହସ୍ତାକ୍ଷରକୁ ଚଟାପଟ୍ ପଢ଼ିପାରି ସେ ନିଜର ଦକ୍ଷତାର ପରିଚୟ ଦେଲା ।

କ'ଣ ଯେ' ତା'ର ନାଁ ଟା ଥିଲା ମନେନାହିଁ ।

ତା' ବ୍ୟାକ୍‌ଗ୍ରାଉଣ୍ଡ ବି' ଜାଣିବାର ଆବଶ୍ୟକତା ନଥିଲା ତା'ର । କେବଳ ଏତିକି ଜାଣିଥିଲା କଟକରେ ଗୋଟାଏ ଲେଡିଜ୍ ହଷ୍ଟେଲରେ ରହୁଥିଲା । ବାସ୍ ଏତିକି, ଝିଅଟି ଆକ୍ଟିଂ କରିପାରନ୍ତା । ଲେଖାଲେଖି ପାଇଁ ଆଗ୍ରହ କାହିଁକି ? ତେବେ ତା'ର ସ୍କ୍ରିପ୍ଟକୁ କପି କରିବାର ଦାୟିତ୍ୱ ଦେଲା ରଜନୀ ଦାଶ । ଚମତ୍କାର ହସ୍ତାକ୍ଷରରେ ସେ ସ୍କ୍ରିପ୍ଟ ଉତାରି ଦେଉଥିଲା । ଟାଇପ୍ କି ଡି.ଟି.ପି କରିବାର ଆବଶ୍ୟକତା ନଥିଲା । ପ୍ରତିଟି ଦୃଶ୍ୟ ଓ ସଂଳାପକୁ ବୁଝିବାକୁ ଚେଷ୍ଟା କରୁଥିଲା । ଭଲ ଲାଗିଲା ରଜନୀ ଦାଶକୁ ।

ଅନ୍ତତଃ ୟା'କୁ ମଧ୍ୟ ପ୍ରେମ କରାଯାଇପାରେ ।

ରଜନୀ ଦାଶର ଏଇଟା ଗୋଟେ ବାଜେ ଅଭ୍ୟାସ ।

ଟିକେ ଇମ୍ପ୍ରେସ୍ ହେଉ ହେଉ ସ୍ୱପ୍ନ ଦେଖିବା ଆରମ୍ଭ କରିଦେବ ।

କିଛି ଘଟଣା ଦୁର୍ଘଟଣା ଘଟିବା ପୂର୍ବରୁ ସେଇ ଗୋଟିଏ ଫିଲ୍ମ ପରେ ଝିଅଟି ହଠାତ୍ ଉଭାନ୍ ହୋଇଗଲା । ରଜନୀ ଦାଶ ବି' ତାକୁ ଭୁଲିଗଲା ଧୀରେ ଧୀରେ ।

ଅନେକ ବର୍ଷ ପରେ ଗୋଟିଏ ଝିଅର ଫ୍ରେଣ୍ଡ ରିକ୍ୱେଷ୍ଟ ପାଇଲା ଫେସ୍‌ବୁକ୍‌ରେ । ଝିଅଟି ଚିହ୍ନାଚିହ୍ନା ମନେ ହେଉଥିଲେ ବି' ଚିହ୍ନି ହେଉନଥିଲା । ଆମେରିକାରେ ରହୁଥିଲା ସେ ଝିଅଟି । ରଜନୀ ଦାଶର ଜବରଦସ୍ତ ଫ୍ୟାନ୍ ଥିଲା । ଆମେରିକାରେ ଉଠାଇଥିବା କିଛି ଫଟୋ ବି ପଠେଇଥିଲା ମେସେଞ୍ଜରରେ । ତା'ର ପରମିସନ୍ ନନେଇ ତା' ଫଟୋର କନ୍‌ଭାସ୍‌ରେ ବେଶ୍ କେତୋଟି କବିତା ଲେଖି ଫେସ୍‌ବୁକ୍‌ରେ ପୋଷ୍ଟ କରି ଦେଇଥିଲା ରଜନୀ ଦାଶ ।

ହଁ ଝିଅଟିର ନାଁ ମଗ୍ନା ଥିଲା ।

ମଗ୍ନା ଖୁବ୍ ଖୁସି ହୋଇ କୃତଜ୍ଞତା ଜଣାଇଥିଲା ।

ହଠାତ୍ ଗୋଟାଏ ମିଟିଂରେ ମଗ୍ନା ସହ ଆକସ୍ମିକ ଦେଖା । କିଛି କହିବା ପୂର୍ବରୁ ଆୟୋଜକ କହିଲେ, "ସାର୍ ଇଏ ମଗ୍ନା ମିଶ୍ର ! ଜଣେ ସମାଜସେବୀ, ଲେଖିକା ଓ ଆଲ୍‌ବମ୍ ପ୍ରଯୋଜିକା ।"

ମଗ୍ନା ହସିଲା, "ସାର୍ ଏଇଟା ବି ଆପଣଙ୍କ ପାଇଁ ଗୋଟେ ସସ୍‌ପେନ୍ସ ।" ରଜନୀ ଦାଶ ବୁଝିପାରିଲା, ଇଏ ସେହି ସରଳ ସୁନ୍ଦରୀ ଝିଅ ରଜନୀ ଦାଶର ଆସିଷ୍ଟାଣ୍ଟ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲା । ଆଜି ସୁପ୍ରତିଷ୍ଠିତ । ମଗ୍ନା ସ୍ମିତ ହସି କହିଲା, "ସାର୍ ଜାଣିଜାଣି ମୁଁ ଆପଣଙ୍କୁ ପରିଚୟ ଦେଇନଥିଲି, ହଠାତ୍ ମ୍ୟାରେଜ୍ ପରେ ଆମେରିକା ଚାଲିଯାଇଥିଲି । ଫେସ୍‌ବୁକ୍‌ରେ ଆପଣଙ୍କ ସହ ଯୋଗାଯୋଗ କରିଥିଲି, ହେଲେ ଆପଣ ମତେ ଚିହ୍ନି ପାରିଲେନି । ଅପେକ୍ଷା କରିଥିଲି କେବେ ଚିହ୍ନୁଛନ୍ତି ଆପଣ ? ସବୁ ଲେଖକ ସେଇଆ । ଆଉଟ୍ ଅଫ୍ ସାଇଟ୍ ଆଉଟ୍ ଅଫ୍ ମାଇଣ୍ଡ୍ ।"

ରଜନୀ ଦାଶର କିଛି କହିବାର ନଥିଲା । ଏକଦମ୍ ସତ । ହେଲେ କେମିତି ବୁଝେଇବ ଯେ ମଗ୍ନା ତା' ଛାତି ଭିତରେ ଗୋଟାଏ ଛାଇ ହୋଇ ରହିଛି ବୋଲି !

"ମୁଁ କିନ୍ତୁ ଆପଣଙ୍କୁ ଭୁଲିନି । ଆପଣଙ୍କ ସ୍ନେହ, ଭଲ ପାଇବାକୁ ଏବେ ବି' ମନେ ରଖିଛି ।" ମଗ୍ନା କହିଲା, "ସାର୍ ମୁଁ ସିନା ସିନେମା ସ୍କ୍ରିପ୍ଟ ରାଇଟର ହୋଇ ପାରିଲିନି, ହେଲେ ମୁଁ ଗୋଟିଏ ଫିଲ୍ମ ପ୍ରଡ୍ୟୁସ୍ କରିବାକୁ ଯାଉଛି । ମୋ ପାଖରେ ଏବେ ପଇସାର ଅଭାବ ନାହିଁ । ମୁଁ ଚାହେଁ ଏ ଫିଲ୍ମର ସ୍କ୍ରିପ୍ଟ ଆପଣ ଲେଖିବେ । ସବୁତକ ଗୀତ ବି, ଡୋଣ୍ଟ ଓରି, ଆପଣଙ୍କ ପେମେଣ୍ଟରେ କମ୍ପ୍ରୋମାଇଜ୍ କରିବିନି ।"

ସବୁ ଆକସ୍ମିକତା ଭିତରେ ଏଇ ବି ଗୋଟିଏ ଆକସ୍ମିକତା ରଜନୀ ଦାଶ ପାଇଁ ।

ସତରେ ଏ ପୃଥିବୀଟା ବହୁତ ଛୋଟ ! ଭାବୁଥିଲା ରଜନୀ ଦାଶ ।

## କବିତା.... ଆମ ସମୟର



କାମଦେବ ମହାରଣା

### ॥ ବୋକାଲୋକ ॥

ତୁମେ ଯାହାକୁ ପ୍ରେମ କୁହ
ସେ ବୁଝେ ଅନ୍ଧ ହୋଇ
କୂଅରେ ପଡ଼ିବା
ତମାମ୍ ଜୀବନ
ରାସ୍ତା ଖୋଜି ଖୋଜି
ମାଟି ଭିତରେ ପାଣି ହୋଇଯିବା ।

ସେ ଆହୁରି ବୁଝେ
ପାଣି ଭିତରେ ଥାଏ
ଠିକ୍ ପ୍ରେମ ପରି ଏକ ନିଆଁ
ଯେଉଁଥିରେ ତରଳିଯାଏ ଦୀର୍ଘଶ୍ୱାସ
ଧୂସର ଅନ୍ଧାର ଓ ନିରବତା ।

ସେ ତାକୁ ପ୍ରେମିକା କୁହେ
ଯା' ପାଦରେ
ବଜାର ବୁଲେ ଅତୀତ
ଯା' ଓଠରେ ସ୍ୱର୍ଗ-ନର୍କ
ଯା' ହାତରେ ରାଣୀ ଛୁରୀ
ଯା' ଡାକରେ ମରୁଭୂମିରେ
ନିରୁଦ୍ଦିଷ୍ଟ ଶୋଷ ।
ଯା' ଛାତିକୁ ହାଣି
ମୂର୍ତ୍ତୀ ଗଢେ କଳ୍ପନା
କେବେକେବେ ତା ମିଜାଜ୍
ଅନ୍ଧାର-ଆଲୁଅ ପରି
ବଦଳାଏ ସମୟ ।

ସେ ଯାହାକୁ ପ୍ରେମ କହେ
ତା କେବଳ ଗୋଟେ ପାହାଡ଼
ଚୁରି ହୋଇ
ମାଟି ହେବାର ରହସ୍ୟ,
ଅଦୃଶ୍ୟ ରକ୍ତପାତ
ମିଛ ହସର ଫସଲ କିଆରୀ
ରକ୍ତ ଓଠର ଶବ୍ଦ ଫାଶ ।

ସେ ଜାଣେ
ତାକୁ ବାଦ ଦେଇ
ତିଆରି ସରିଛି
ଅସଂଖ୍ୟ ପୃଥିବୀ
ସେଠି ଛୁଁ କହିଲେ
ଅଜାଡ଼ି ହୁଏ ଯୌବନ
ହୁଁ କହିଲେ
ଜବୋଡ଼ି ଧରେ ପବନ
ଉହୁଁ କହିଲେ
କ୍ରମଶଃ ଉକୁଟି ଉଠନ୍ତି
ନଖ, ଦନ୍ତ,
ପଲଙ୍କ ଉପରେ ସାପ ।

ସାରା ଦେହରେ କ୍ଷତ ବୋହି
ତଥାପି ଛାତି ଯାଚେ
ଯେଉଁ କାନ୍ଦୁରା ମଣିଷ
ସେ କଣ ବୋକା ଲୋକ ! ?

+ ଯାନ୍ତ୍ରିକ ବିଭାଗ
ପୂର୍ବତଟ ରେଳପଥ
ପୁରୀ -୨
(ମୋ) ୯୬୫୮୦୨୬୬୧୨

### ॥ ମୋହ ॥

ବୈଷ୍ଣବ ମେହେର

ହୁତୁହୁତୁ ହୋଇ
ଜଳୁଛି ସକାଳ,
ଥପଥପ ରକ୍ତ
ନିଗାଡୁଛି ଦିନ,
ଝରଝର ଲୁହରେ
ଲହୁଲୁହାଣ ସଞ୍ଜ,
ଯେଉଁଠି ବତୁରିବା ପୂର୍ବରୁ
ଭୁଷୁଡ଼ି ପଡୁଛି ଯୌବନ ।

ଖଳାକୁ ବୋହୁ ବୋହୁ-
ଉଜୁଡ଼ି ଯାଉଛି
ବୋଝାବୋଝା ଫସଲ
ଫୁଲ ଫୁଟୁଫୁଟୁ
କଡ଼ ହେଉଛି ଛିନ୍‌ଛତର ।

ଜଙ୍ଗଲୀ ନିଆଁ ଠୁ ବି
ଭାରି ଉତ୍ତପ୍ତ ଏଠିକାର-
ପାଣି ପବନ ଓ ସହର,
ଆଜିକାଲି ସେଇଠି ମୁଁ
ନୂଆନୂଆ ତୋଳୁଛି ଘର
ଖୋଜୁଛି ଜୀବନ ।

+ ସିନାପାଲି,ନୂଆପଡ଼ା
ମୋ.୯୭୭୭୭୫୩୯୩୫

### ॥ ପରୀ ପାଇଁ ଶୋକଗୀତ ॥



ପ୍ରୀତିଲତା ପଣ୍ଡା

ପରୀ, ନୟାଗଡର କୁନିଝିଅ
ମୁଁ ମାନୁଛି ତୋ ପାଇଁ କବିତା
ଲେଖିବା ବି ଗୋଟେ ଅପରାଧ
ମୋ ପାଖରେ ନିଆଁ ନାହିଁ କି
ଖଡ୍ଗ ନାହିଁ
ଭେଦିବାକୁ ଜହ୍ଲାଦର ଘର ।

ମୁଁ ଗୋଟେ ବାପାର ଛାତି
ମାଆର ଆକୁଳତା
ଗୋଟେ ନିଷ୍ଫଳ ଦମ୍ଭ ।
ମୋ ଚାରିପାଖରେ ଶାସକର
ଷଡଯନ୍ତ୍ର ଶୃଙ୍ଖଳ
ନ୍ୟାୟର ଡେଣା ନଥାଏଲୋ ଝିଅ
ଆଇନ୍‌ର ଆଖି ନଥାଏ ।

ଏଠି ଜଙ୍ଗଲ ବିବସ୍ତ୍ର,
ତୁ ତ ଛୋଟପିଲା
ଏଠି ପାହାଡ ବିଧ୍ୱସ୍ତ
ତୁ ଛୋଟପିଲା
ଏଠି ଝରଣାରେ ଜହର
ତୁ ଛୋଟ ପିଲା ।

ତୁ ତ ଜନ୍ମିବା ଆଗରୁ
ତୋ ପାଇଁ ତିଆରି ସରିଛି ଛୁରୀ
ତୋର ଜୀଇଁବା ଓ ମରିବା
ଗୋଟେ ରକ୍ତାକ୍ତ ସାଏରୀ ।

ତୁ ତ ଇଶ୍ୱରଙ୍କୁ ଜାଣିନଥିଲୁ
ଆତତାୟୀକୁ ଯୋଡିଥିବୁ ହାତ
ପୃଥିବୀକୁ ଜାଣି ନଥିଲୁ
ଏଠି ସ୍ୱପ୍ନମାନେ ସବୁଦିନ ପରାହତ
ଏଠି ଭୀଷ୍ମମାନେ ଜଗିଥାନ୍ତି
ଅନ୍ଧରାଜାର ସିଂହାସନ
ଦ୍ରୋଣାଚାର୍ଯ୍ୟ ରାଜପୁତ୍ରଙ୍କ ଶିକ୍ଷକ
ସବୁ ବିଧାନସଭାରେ
ଦରମାଜୀବି କୃପାଚାର୍ଯ୍ୟ ?
ତିଆରୁଥାନ୍ତି
ଛଳନାର ଅସ୍ତ୍ର
ରାଜାର ମୈଥୁନରେ
କେବଳ ଭାଗନିଅନ୍ତି ବ୍ୟବସ୍ଥା,
ମୁଁ ଶବ୍ଦମାନଙ୍କୁ
ତୀର କରୁଛିଲୋ ଝିଅ
କେବେ ସମର୍ଥ ହେଲେ
ଲିଭାଇ ଦେବି ସୂର୍ଯ୍ୟ ।

କବିମାନେ ଥା'ନ୍ତୁ ଫୁଲହାଟରେ
ଆଉ ଫୁଲମାଳରେ
ଆନ୍ଦୋଳନକାରୀ ଜାଳୁଥାନ୍ତୁ
ଟାୟାର
ଶୋଷକ ଥାଉ ଷଡଯନ୍ତ୍ରରେ;
ଏଠି ଦୁଆତର ଅକ୍ଷରମାନେ
ବିକଳା କଳାସାପ
ତୁ ଫେରିବାର ସକାଳଟେ ପାଇଁ
ମୁଁ ଦେଖୁଛି କେତେ କରିହବ
ପୂଣ୍ୟପରି ପାପ
ଏବେ ଲୁହରେ ନୁହେଁ
ଲାଭାରେ ଧୋଇଦେବିଲୋ ଝିଅ
ତୋର ଝରୁଥିବା ରକ୍ତ ।


+ ଧରିତ୍ରୀ ନଗର, ଆରଡି ଛକ, ଭଦ୍ରକ
(ମୋ) ୯୦୪୦୫୮୮୬୬୦

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ମାର୍ଚ୍ଚ, ୨୦୨୧

## ମନେପଡେ....(୫୬)

## ଚାକିରୀ ଜୀବନର - ଶେଷ ଦିନର କଥା



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**
ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ତା୨୮ ଫେବୃଆରୀ, ୨୦୧୯ । ସରକାରୀ ଚାକିରୀରୁ ଅବ୍ୟାହତ ନେବାର ଦିନ । କେଉଁପରି ସମୟ ମୋତେ ଷାଠିଏ ବର୍ଷ ବୟସରେ ପହଞ୍ଚାଇ ଦେଲା ଭାବି ହେଉନାହିଁ । ସରକାରୀ ଚାକିରୀରେ ଓ ଏଇ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ, ବାଲେଶ୍ୱରରେ ସମ୍ପୂର୍ଣ୍ଣ ୩୮ବର୍ଷ କେଉଁପରି ଦେଖୁ ଦେଖୁ ଅତିକ୍ରମ କରିଯାଇଛି । କାଲିପରି ଲାଗୁଛି ଏଠିକି ଆସିବାର ଦିନ । ସମୟ ଥିବା ଡ଼ିସେମ୍ବର-୧୯୮୦ରୁ ଜାନୁଆରୀ-୧୯୮୧ ବାଣୀବିହାରର **6th year Economics Analytical & Applied Deptt.** ଛାତ୍ର । ହଷ୍ଟେଲ ନଂ୪୦୨, ୨୨ ନଂ ସିଙ୍ଗଲ ରୁମ୍ ଥିଲା ମୋ ପାଇଁ ଉଦ୍ଦିଷ୍ଟ । ସେଠିକାର ଥିଲା ଏକ ସୁନ୍ଦର ମୁକ୍ତ ପ୍ରଜାପତିର ହରରଂଗୀ ଜୀବନ । କେତେବେଳେ ପୁରୀ ଜଗନ୍ନାଥ ମନ୍ଦିର ବା କୋଣାର୍କ ମନ୍ଦିର ବା ଖଣ୍ଡଗିରି ଉଦୟଗିରି, ଧଉଳି ଦୟା କୁଆଖିଆ ନଈ, ରାଜାରାଣୀ, କେଦାରଗୌରୀ, ଲିଂଗରାଜ ମନ୍ଦିର ବୁଲିବା ବା ହେଷ୍ଟେଲ ସେକ୍ରେଟେରୀ ପାଇଁ ନିର୍ବାନରେ ଲଢ଼ିବା, ବା ପ୍ରଫେସର ମାନଙ୍କ ଗାନ୍ଧୀୟାନ ଦର୍ଶନ କ୍ଲାସ ଯିବା, ବା ବାଣୀବିହାର ବସ ଷ୍ଟାଣ୍ଡ, ଆର.ଡ଼ି. ଓ୍ୱମେନସ୍ ଛକ ବା ପାଣିଟାଙ୍କି ପାଖରେ ସାଙ୍ଗମାନଙ୍କ ସହ ବୁଲିଯିବା ସେଂଟ୍ରାଲ କେଣ୍ଟିନର ଗରମ ଉପମା ଖାଇବା  ବା ଅଡିଟୋରିୟମରେ ସିନେମା ସନ୍ଧ୍ୟାରେ ଦେଖିବା ଥିଲା ମୋ ବେପରବାୟ ଜୀବନ ।

ହଠାତ୍ ଭିଣୋଇ ଅନନ୍ତଙ୍କ ଚିଠି ଆସେ; ବାଲେଶ୍ୱର ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ଚାକିରୀ ପାଇଁ ଇଣ୍ଟରଭ୍ୟୁ ପାଇଁ । ସେଠିକୁ ଯିବି କି ନାହିଁ ଏମିତି ଦ୍ୱନ୍ଦ୍ୱ ଭିତରେ ପୁରୀ ହାଓ୍ୱଡା ପେସେଞ୍ଜର ଟ୍ରେନରେ ଉଠିଯାଏ । ଟ୍ରେନ୍ ବାହାରେ ଶିଶିର ଭିଜା ସନ୍ଧ୍ୟାରେ ଚନ୍ଦ୍ରସ୍ନାତ ଓ କୋଟି କୋଟି ତାରା ପ୍ରସ୍ଫୁଟିତ ଆକାଶକୁ ଅନାଇ ଅନାବନା ସ୍ୱପ୍ନ ସବୁ ଦେଖେ ।

ବାହାନଗା ଷ୍ଟେସନ ପାଖରେ ମୁଁ ଶୋଇ ଯାଇଥାଏ ଯେ ଗାଡ଼ି ଛାଡ଼ିଦିଏ । ମୁଁ ବାଧ ହେଇ ନୁଣିଆଯୋଡ଼ି ପାଣି ଭିତରକୁ ଡ଼େଇଁପଡେ । ଗବ ଗଛ ବେଷ୍ଟିତ ପାଣିରେ ବୁଡ଼ି ଯାଉ ଯାଉ ବଞ୍ଚିଯାଏ ବଡ଼ ଠାକୁରଙ୍କ ଆର୍ଶିବାଦରେ ।

ମୋତେ ଲାଗୁଥିଲା ମୁଁ ଯେମିତି ଚାକିରୀ ପାଇଁ ଆସିନଥିଲି । ବରଂ ଗୋଟେ ଅନ୍ଧାରୀ ସୁଡଙ୍ଗ ଭିତରେ ପଶି କେଉଁ  ନର୍କ ପୁରକୁ ଗତି କରିଯାଉଥିଲି । ବୋଉକୁ ସବୁ ମନର ଦୁଃଖ କହିଲି । ବାଣୀବିହାର ଫେରିଯିବା କଥା ବି । କିନ୍ତୁ ବୋଉ ଚାହୁଁଥିଲା ମୁଁ ବାଲେଶ୍ୱର ଯାଇ ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦିଏ ।

ଇଣ୍ଟରଭ୍ୟୁ ଦେଲାପରେ ମୁଁ ଅଫର ପାଇଲି । ଘର ଲୋକଙ୍କ ବାଧ ବାଧକତାରେ ଚାକିରୀରେ ଜଏନ୍ କଲି ୧୧ ଫେବୃଆରୀ ୧୯୮୨ରେ ।

ଏଠିକୁ ଆସିବା ପରେ ବୁଝିଲି କେତେ ବଡ ପରିବେଶକୁ ଛାଡ଼ି ଗୋଟେ ସଂକୀର୍ଣ୍ଣ ପରିବେଶ ଭିତରକୁ ମୁଁ ପଶି ଆସିଲି ଅକସ୍ମାତ । ଅବଶ୍ୟ ଏଠିକାର ସହକର୍ମୀମାନେ ମୁଁ ବାଣୀବିହାରରେ ଇକନୋମିକ୍ସ ଅନର୍ସ ପଢୁଥିବା କଥା ଶୁଣି ଚକିତ ହେଇଯାଇଥିଲେ । ଅଫିସର ଆଉ ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ଏଠି କେହି କଲେଜ ପାଠ ପଢୁଆ ସେତେବେଳେ ନଥିଲେ । ଅନେକ ମୋତେ କହିଥିଲେ, "ଆପଣ ଏଠିକୁ କାହିଁକି ଆସିଛନ୍ତି ? ଆପଣ କୂପ ମଣ୍ଡପ ହେଇଯିବେ । ଆପଣ ଫେରି ଯାଆନ୍ତୁ ବାଣୀବିହାର ଯେଉଁଠୁ ଆପଣ ବହୁ ଉପରକୁ ଯିବେ ।"

କିନ୍ତୁ ବିଧିର ବିଧାନ ଏମିତି ଥିଲା ଯେ ମୁଁ ଆଉ ଫେରି ପାରିନଥିଲି ମୋ ପ୍ରିୟ ବାଣୀବିହାରକୁ । ଘରର ଦୈନ୍ୟ, ଚାକିରୀ ନ ଛାଡ଼ିବାର ଅନୁନୟ ମୋତେ ଏଇଠି ବାନ୍ଧି ଦେଇଥିଲା । ପ୍ରକୃତ କଥା ଏଠିକାର ସିଷ୍ଟମ୍ ମୋ ପ୍ରତି ଅବିଚାର ଯେତେଯାହା ହେଲେବି ମୁଁ ଛାଡ଼ି ପାରୁ ନଥିଲି ଏ ସ୍ଥାନ କେଉଁ ଏକ ମାୟାରେ ।

ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ, କ୍ଲର୍କ / ଗ୍ରାମ୍ୟ ବ୍ୟାଙ୍କ ମେନେଜର ଚାକିରୀ ପାଇଁ ବି ମୁଁ କେଉଁ ମାୟାରେ ପଡି ଏଠୁ ବାହାରି ପାରୁ ନଥିଲି । ମୁଁ ନିଜେ ବି ଜାଣେନା । ଅଫିସର ତ୍ରିପାଠୀ ବାବୁ ବାଧ କରି କହୁଥିଲେ ଆପଣ ଏକାବେଳେ ବ୍ୟାଙ୍କ ପି.ଓ. କିମ୍ବା ଓ.ଏ.ଏସ୍. ପାଇଁ ଲାଗନ୍ତୁ । ହେଇଗଲେ ଚାଲିଯିବେ । ସେସବୁର ଭାଇଭା ପାଇଁ କଲ୍ ଆସିଲା । କିନ୍ତୁ ପରିବେଶ ମୋତେ ଏତେ ପଛୁଆ କରି ଦେଇଥିଲା ଯେ ମୁଁ କେଉଁଥିରେ କୃତକାର୍ଯ୍ୟ ହୋଇପାରିଲି ନାହିଁ । ଯେଉଁଦିନ ଷ୍ଟେଟ ବ୍ୟାଙ୍କ ପି.ଓ. ଭାଇଭା କଟି ଯାଇଥିଲା ସେଦିନ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲି । ମୋର ହୃଦବୋଧ ହେଲା ଏଇ ପରିବେଶ ଭିତରେ ମୋର ସମଗ୍ର ଚାକିରୀ କାଳ ବିତିଯିବ । (କ୍ରମଶଃ)

ଧାରାବାହିକ ଉପନ୍ୟାସ

# ନାତି



ଭାଗ-୧୯
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ପ୍ରଥମରୁ ଏ ପ୍ରକାର ଦୃଶ୍ୟ ଦେଖି ଖୁବ୍ ବିସ୍ମିତ ହୋଇ ପଡ଼ିଥିଲେ ଦୀନନାଥ । ଗରିବ ରୋଗୀଟିଏ କୌଣସି ଦୁରାରୋଗ୍ୟର ଶିକାର ହୋଇ ଚିକିତ୍ସା ନିମନ୍ତେ ସାହାଯ୍ୟଭିକ୍ଷା କରିପାରେ ! ଏ ପ୍ରକାର ସାହାଯ୍ୟ ସହିତ ତାଙ୍କର ପରିଚୟ ଅଛି । କିନ୍ତୁ ଡାକ୍ତରଖାନା ବେଡ୍ ଛାଡ଼ି ପରିସ୍ରା ଭର୍ତ୍ତି କ୍ୟାଥେଡର୍ ହାତରେ ଝୁଲେଇ ସାହାଯ୍ୟ ମାଗିବ ? ଓ୍ୱାର୍ଡ଼ ନର୍ସ କିମ୍ବା ଡାକ୍ତର ଡ୍ୟୁଟିରେ ଥାଇ କ'ଣ କରୁଛନ୍ତି ? ସ୍ୱତଃ ସଂଳାପଟିଏ ତାଙ୍କ ମୁଖରୁ ଉଚ୍ଚାରିତ ହୋଇଗଲା -

"ଆରେ ! ଏ ରୋଗୀ ଡାକ୍ତରଖାନା ବେଡ୍ ଛାଡ଼ି ବାହାରେ କିପରି ବୁଲୁଛି ? ୟା'କୁ ସେମାନେ ଛାଡ଼ି ଦେଇଛନ୍ତି କେମିତି ?"

ରୋଗୀମାନେ ସାଧାରଣତଃ ଡାକ୍ତରଖାନା ଖୁଣ୍ଟରେ ବଂଧା ହୋଇଥିବା ଦୁଇଗୋଡ଼ିଆ ପ୍ରାଣୀ । ଭଲ ହେଲେ ଏଠୁ ମୁକୁଳି ଯିବେ ସଂସାର ଖୁଣ୍ଟକୁ । ନତୁବା ଯମଦୂତ ଆସି ଡାକ୍ତରଖାନା ଖୁଣ୍ଟରୁ ଫିଟେଇ ଅଦୃଶ୍ୟ ଦଉଡ଼ିରେ ବାନ୍ଧି ନେଇଯିବ ଯମଲୋକ ।

ହେଲେ ଏ ରୋଗୀଟା ଡାକ୍ତରଖାନା ଖୁଣ୍ଟଛାଡ଼ି ବାହାରେ କିପରି ବୁଲୁଛି ? ଦୀନନାଥଙ୍କ ଉଚ୍ଚାରିତ ସଂଳାପ ଆଖପାଖରେ ଥିବା ଲୋକ କେହି କେହି ଅବଶ୍ୟ ଶୁଣିଥାଇ ପାରନ୍ତି । ହେଲେ ଏହା ଉପରେ କେହି କିଛି ଟୀକା ଟିପ୍ପଣୀ କଲେ ନାହିଁ ! କି ତାଙ୍କ କଥାକୁ ସମର୍ଥନ କରି ପଦେ ଅଧେ ମନ୍ତବ୍ୟ ଦେଲେ ନାହିଁ !

ଏବେ ସେ (ଦୀନନାଥ) ନିଜର ବିଶ୍ୱାସନୀୟତା ଉପରେ ଘୋର ସନ୍ଦେହ ପ୍ରକଟ କଲେ ଏବଂ ଚୁପ୍ ରହିଲେ ।

କିଛିକ୍ଷଣ ପରେ ତାଙ୍କ ସାମ୍ନାରେ ଫାଉଡ଼ାଧରି ଡ୍ରେନ୍ ସଫା କରୁଥିବା ମେହେନ୍ତରଟି, ତାଙ୍କ କଥାର ପ୍ରତିଧ୍ୱନି ତୋଳିଲା ଏବଂ ମୃଦୁ ମୃଦୁ ହସି କହିଲା -

: ଆଜ୍ଞା, ସେଇଟା ରୋଗୀ ନୁହେଁ । ପରିସ୍ରା ଭର୍ତ୍ତି କ୍ୟାଥେଡର୍ ତା'ର ଜାଣନ୍ତୁ ଭିକ୍ଷାଥାଳ । ଡାକ୍ତରଖାନା ପଛପଟେ ଯେଉଁଠି ଓ୍ୱାର୍ଡ଼ ସବୁର ମଇଳା ଢ଼ଳାଯାଏ, ସେଇଠୁ ଦିନେ ଦୁଇଦିନ ଅନ୍ତରରେ ଫିଙ୍ଗାଯାଇଥିବା କ୍ୟାଥେଡରରୁ ଗୋଟେ ନେଇଆସି ଏମିତି ନାଟକବାଜି କରେ । ନୂଆ ଡାକ୍ତରଖାନାକୁ ଆସିଥିବା ଲୋକ, ଯେଉଁମାନେ ୟା' ବିଷୟରେ କିଛି ଜାଣନ୍ତି ନାହିଁ, ସେଇମାନେ ଟଂକାଏ ଦୁଇଟଙ୍କା ଦେଇଥାନ୍ତି । ତା'ର ଦିନକର ଖାଇବା ପିଇବା ଚଳିବା ହୋଇଯାଏ ।

ଆକାଶରୁ ଖସି ପଡ଼ିଲେ ଯେମିତି ଦୀନନାଥ । ଏତେ ମାରାତ୍ମକ ଏବଂ ଜଘନ୍ୟ କାର୍ଯ୍ୟ ଭିକ୍ଷାବୃତ୍ତିର ମାଧ୍ୟମ ହୋଇପାରେ ଆମ ଦେଶରେ, ତାହା ଭାବି ସେ ଖୁବ୍ ଉଦାସ ହୋଇପଡ଼ିଲେ ।

ଏଇ ସମୟରେ ଦୀନନାଥଙ୍କର ମୋବାଇଲ୍ ରିଂ ହେଲା । ଦେଖିଲେ ପୁଅ ଶୁଭକାନ୍ତର କଲ୍ ।

"ବାପା ! ମୁଁ ଏବେ ଫ୍ଲାଇଟ୍ ଧରୁଛି ଚେନ୍ନାଇରୁ । ସାଢ଼େ ଦଶଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିଯିବି । ସେ ପର୍ଯ୍ୟନ୍ତ ମୋତେ ଆଉ କଲ୍ କରିବେ ନାହିଁ । ପୁଅ ଏବେ କେମିତି ଅଛି ?"

"ସେଇମିତି ।" - ବଡ଼ ବିଷଣ୍ଣ ଭାବେ କହିଲେ ଦୀନନାଥ ।

"ମାନେ ?"

"କିଛି ଅଗ୍ରଗତି ହୋଇନାହିଁ । ବୋଧହୁଏ ଏମାନେ ନାତିକୁ ଆଜି କଟକ ସିଫ୍ଟ କରିଦେଇ ପାରନ୍ତି ।"

"ହଉ, ଫ୍ଲାଇଟ୍ ଏବେ ଛାଡୁଛି । ସାଢ଼େ ଦଶଟା ପରେ ମୁଁ ଫୋନ୍ କରିବି ।" - ଫୋନ୍ କାଟିଦେଲା ଶୁଭକାନ୍ତ ।

ଦୀନନାଥ କିନ୍ତୁ ମନସ୍ତାପ କଲେ ପୁଅକୁ ଏପରି ହତୋତ୍ସାହ କଥା କହିଥିବାରୁ । ସାଢ଼େ ଚାରି ଘଣ୍ଟା ଖୁବ୍ ଉଦାସ ରହିବ ପୁଅ । ବରଂ ପରେ ଜଣେଇଥିଲେ ଭଲ ହୋଇଥାନ୍ତା ବୋଲି ଭାବିଲେ । ବାସ୍ତବିକ୍ ସକାଳେ ସେ ନାତିର ଅବସ୍ଥା ଦେଖି ନାହାନ୍ତି ।

ଏଥର ଆପଣା ବସିବା ସ୍ଥାନରୁ ଉଠି କବାଟ ଠେଲି ଭିତରେ ପଶିଲେ ଦୀନନାଥ । ଦୁଇଜଣ ସ୍ତ୍ରୀ ଲୋକ ନିଜ ନିଜ ପିଲାଙ୍କୁ କ୍ଷୀର ଖୁଆଉଛନ୍ତି । ଭିତରେ ଥିବା ଦିଦିକୁ କହି ପିଲା ପାଖରେ ଯାଇ ଛିଡ଼ା ହେଲେ ସେ ଏବଂ ଦେଖିଲେ - "ଚୁପ୍‌ଚାପ୍ ଶୋଇ ରହିଛି ନାତି । ବେଳେ ବେଳେ ଚମକି ପଡୁଛି । ଓଠ ଚାଳନା କରୁଛି । ଗୋଡ଼ ହାତ ହଲଉ ନାହିଁ କି କାନ୍ଦୁ ବି ନାହିଁ ।"

ନାତିକୁ ଦେଖି ଥମ୍ ଥମ୍ ହୋଇଗଲେ ଦୀନନାଥ । ନିରୀହ ଶିଶୁଟି ପ୍ରତି କୌଣସି ଅବିବେକିତା ହେଉନାହିଁ ତ ! ମନେ ପଡ଼ିଲା ଶୁଭଦା କଥା । ସକାଳୁ ସକାଳୁ ପୁଅକୁ ସେ କ୍ଷୀର ଖୁଆଉଥାନ୍ତା । ଅଥଚ ମା' ବିନା, ମା'ର କ୍ଷୀର ବିନା ନାତି ଏଠି ଚୁପ୍‌ଚାପ୍ ପଡ଼ି ରହିଛି ଏସ୍.ଏନ୍.ସି.ୟୁ. ବେଡ୍ ଉପରେ !

ସେପଟୁ ଅନ୍ୟ ନର୍ସଜଣକ ପାଟି କରି ଉଠିଲେ ।

"ଆପଣ ବାରମ୍ବାର କାହିଁକି ଆସୁଛନ୍ତି ଭିତରକୁ । କାର୍ତ୍ତିକ ବାବୁଙ୍କ ପାଇଁ ଆମେ ଆପଣଙ୍କୁ ଛାଡ଼ିଦେଲୁ ବୋଲି ଏତେ ସମୟ ରହିବେ ? ଏବେ ଡାକ୍ତର ରାଉଣ୍ଡ୍‌ରେ । କେତେବେଳେ ବି ଆସି ପାରନ୍ତି । ଆପଣ ଯାଆନ୍ତୁ !"

ଦୀନନାଥ ଗୋଡ଼ ଘୋଷାରି ଘୋଷାରି ବାହାରି ଆସିଲେ ବାହାରକୁ । ଆଉ ସେଇଠୁ ଫୋନ୍ ଲଗେଇଲେ ଭବେଶଙ୍କୁ । ଭବେଶ କହିଲା -

"ହଁ ବାପା ! ମୁଁ ଏଇ ନିତ୍ୟକର୍ମ ସାରିଲି, ଯାଉଛି । ଡାକ୍ତର ନୀଳମାଧବ ବାବୁଙ୍କ ସହିତ ଫୋନ୍‌ରେ କଥା ହୋଇଥିଲି । ତାଙ୍କର ଆଜି ନାଇଟ୍ ଡ୍ୟୁଟି । ତଥାପି ଅନୁରୋଧ ରଖି ସେ ଏବେ ଆସିବେ ଆମ ପୁଅପାଇଁ । ଯଦି ଚାହାନ୍ତି, ତାଙ୍କୁ କିଛି ପେମେଣ୍ଟ୍ ଦେବାକୁ ପଡ଼ିପାରେ !"

"ମୁଁ ସେକଥା କହୁନାହିଁ । ଶୁଭଦା କଥା ପଚାରୁଛି । କାଲି ରାତିରେ ସେ ଶୋଇ ପାରିଛି ତ ?"

"ହଁ ବାପା, ଶୋଇଛି । ହେଲେ କମ୍ ସମୟ ପାଇଁ ।"

ଆଉ ଅଧିକ କିଛି ପଚାରି ପାରିଲେ ନାହିଁ ଦୀନନାଥ । ନିଜେ ଫୋନ୍ କାଟିଦେଲେ । ଶୁଭଦା ରାତିସାରା ସ୍ୱପ୍ନ ଦେଖୁଥିବ ତା'ପୁଅକୁ। ନିଦ ବାଉଳାରେ ଦରାଣ୍ଡି ହେଉଥିବ ଶେଯ, ପୁଅକୁ କ୍ଷୀର ଦେବବୋଲି । ପୁଅକୁ କାଳେ ଭୋକ ହେବ, ସେ କାନ୍ଦିବ ବୋଲି ମଝିରେ ମଝିରେ ନିଦ ଭାଂଗି ଯାଉଥିବ ତା'ର । ପୁଅ କାହିଁ ବୋଲି ଅଣ୍ଡାଳି ହେଉଥିବ । ଝୁଲଣା ଆଡ଼କୁ ହାତ ଲମ୍ବିଯାଉଥିବ ।

ପିଲାଟିବେଳେ ଶୁଭଦା ଖୁବ୍ ସ୍ୱପ୍ନ ଦେଖୁଥିଲା । ସେତେବେଳେ ସେ ଭାରି ଛୋଟଥିଲା । ଏମିତି ରାତିରେ ପଶୁପକ୍ଷୀ ବାଘ ଭାଲୁ ସ୍ୱପ୍ନ ଦେଖି ଉଠିପଡୁଥିଲା । ତକିଆ ଚାରିପାଖେ ଅଣ୍ଡାଳି ପକଉଥିଲା । ପଚାରିଲେ ରାହାଧରି କାନ୍ଦୁଥିଲା । ଶେଷରେ କହୁଥିଲା, 'ମୋ ସପନ କିଏ ନେଇଗଲା' ? ରାଗରେ ଶୁଭକାନ୍ତକୁ ବାଡ଼େଇ ପକଉଥିଲା । ଗୋଟିଏ ଖଟକୁ ଦୁଇଜଣ ମାପକରି ଭାଗ କରି ନେଉଥିଲେ ।

ଆଉ ବଡ଼ହେଲା ପରେ ଦୀନନାଥ ବେଳେବେଳେ ଖୁସିରେ ପଚାରି ଦିଅନ୍ତି,

"ଝିଅ ! ରାତିରେ ଏବେ ତୋ ସ୍ୱପ୍ନ ଚୋରି ହୋଇ ଯାଉଛି କି ?"

ଶୁଭଦା ନାକ ଫୁଲାଏ, ଆଉ କହେ -

"ବାପା ! ଛୋଟବେଳେ ସ୍ୱପ୍ନ ଦେଖି ବିଛଣାରେ ଉଠିବସି ଅଣ୍ଡାଳି ହେଉଥିଲି ବୋଲି, ମୋତେ ଏବେ ସେ କଥା କହି ଚିଡ଼େଇବ ?"

ଦୀନନାଥ ଚୁପ୍ ହୁଅନ୍ତି । ଝିଅ ପାଖରେ ହାରି ଯାଆନ୍ତି । ହେଲେ ମନେ ମନେ ଖୁସି ହୁଅନ୍ତି । ତା' ପାଠ ପଢ଼ାସରିଲେ ଭଲ ଘର, ଭଲବର ଦେଖି ବାହାକରି ଦେଲେ ତାଙ୍କୁ ଶାନ୍ତି ମିଳିବ । ଜୀବନରେ ସେମାନଙ୍କୁ ସଫଳତା ମିଳିଲେ ଦୀନନାଥଙ୍କ ଆଖିରେ ଖୁସି ଭରିଯିବ । ଭଗବାନ ସେମାନଙ୍କର ରକ୍ଷା କରନ୍ତୁ । ମଂଗଳ ବିଧାନ କରନ୍ତୁ ।

ଭବେଶ କେତେବେଳୁ ଆସି ପାଖରେ ଛିଡ଼ା ହେଲେଣି, ଦୀନନାଥ ଜାଣିପାରିଲେ ନାହିଁ । ଚାହିଁଲେ ତାକୁ । କିଛିଟା ସେ ତତ୍ପର ଓ ବ୍ୟସ୍ତ ଥିବା ପରି ମନେହେଲା ତାଙ୍କୁ । ତରତର ହୋଇ କହିଲା -

"ବାପା ! ଭାଇ ଚେନ୍ନାଇରୁ ଆସୁଛନ୍ତି । ଆପଣଙ୍କୁ ଫୋନ୍ କରିଥିବେ ନିଶ୍ଚୟ ।"

"ହଁ ।"

: ମୁଁ ତାଙ୍କ ସହିତ କଥା ହୋଇଛି । ପୁଅକୁ ଆମେ କଟକ ନେଇଯିବା । ଭାଇ ଆସି କଟକରେ ପହଞ୍ଚିବେ ବୋଲି କହିଛନ୍ତି । ଡା. ନୀଳମାଧବ ବାବୁଙ୍କୁ ମୁଁ ଫୋନ୍ କରି ଦେଇଛି, ସେ ଆସିଲେ ତାଙ୍କ ପରାମର୍ଶ ଅନୁସାରେ କାମ କରିବା ।

ଦୀନନାଥ ସେଇମିତି ଅବିଚଳିତ ଭାବେ ଚେୟାର୍ ଉପରେ ବସିଥିଲେ ଏବଂ ଭବେଶର ପ୍ରସ୍ତାବରେ ରାଜି କିମ୍ବା ଅରାଜି ବି ହୋଇପାରୁ ନଥିଲେ । କହିଲେ -

"ପିଲାକୁ ଯଦି ଆମେ କଟକ ନେଇଯାଆନ୍ତି, ତାହେଲେ ଶୁଭଦା ? ତା'ପାଖରୁ ସତ୍ୟଟିକୁ ଅତ୍ୟନ୍ତ ସତର୍କତାର ସହିତ ଲୁଚେଇ ରଖି ପାରିବା କି ? ଯଦି ନ ପାରନ୍ତି କିମ୍ବା କୌଣସି ପ୍ରକାରେ ସେ ଜାଣିପାରେ, ତହୁଁ ଭିନ୍ନ କିଛି ଆଂଶକା କରି ବସିବ ଏବଂ ତଜ୍ଜନିତ କୌଣସି ମାନସିକ ଆଘାତ ପାଇବା କିଛି ବିଚିତ୍ର ନୁହେଁ ।"

ଏତିକିମାତ୍ର କହି ଦୀନନାଥ ଅଟକି ଗଲେ । ଅଧିକ କିଛି ବ୍ୟାଖ୍ୟା କଲେ ନାହିଁ । କିନ୍ତୁ ତାଙ୍କ ଆଂଶଙ୍କା ଭିତରେ ଯାହା ସବୁ ଉଙ୍କିମାରୁଥିଲା ଓ ଜଳ ଜଳ ଦିଶୁଥିଲା, ତାହା ସେ କହି ପାରିଲେ ନାହିଁ । କାଲିପରି ନୂଆ ହୋଇ ଡାକ୍ତର ହୋଇଛି ଭବେଶ, ମାନସିକ ଆଘାତ ଜଣେ ମଣିଷର କ'ଣ କ'ଣ କ୍ଷତି ଘଟାଇପାରେ, ତାହା ହୁଏତ ପୁସ୍ତକର ବିଦ୍ୟା ହୋଇ ରହିଯାଇଛି ତା' ପାଇଁ । କେବେ ପ୍ରତ୍ୟକ୍ଷ କରିନାହିଁ କି କରି ନଥିବ । 'ସର୍ବନାଶ ସମୁତ୍ପନ୍ନେ ଅର୍ଦ୍ଧେକଃ ତ୍ୟଜନ୍ତି ପଣ୍ଡିତାଃ' ବୋଲି ବିଜ୍ଞମାନେ କହି ଯାଇଛନ୍ତି । କିନ୍ତୁ ଏଥିରୁ କେଉଁଟାକୁ ବି ତ୍ୟାଗ କରିବାକୁ ଚାହୁଁ ନଥିଲେ ଦୀନନାଥ । ଶୁଭଦା ଭଲ ରହିବ ଏବଂ ନାତି ତା' କୋଳରେ ଖେଳିବ, ଉଭୟଙ୍କୁ ଲୋଡୁଥିଲେ ସେ । ବରଂ ପ୍ରକ୍ରିୟା ଡେରି ହେଲେ କିଛି ଯାଏ ଆସେ ନାହିଁ । ଏଥିପାଇଁ ଯେତିକି ଶ୍ରମ, ସମୟ ଓ ଅର୍ଥ ବିନିଯୋଗ ଲୋଡ଼ାପଡ଼ିବ, ତାହା ସଂଭବ ହୋଇପାରିବ ।

ଶ୍ୱଶୁରଙ୍କର ପ୍ରଶ୍ନରେ ଟିକେ ହଡ଼ବଡ଼େଇ ଗଲେ ଭବେଶ । ଆରେ ସତେ ତ ! ଶୁଭଦାର ଯଦି କିଛି ହୋଇଯାଏ ?

ପୁଣିଥରେ ଦୀନନାଥଙ୍କ ମାନସପଟ୍ଟରେ ନର୍ସିଂହୋମ୍ ଶହେ ଦୁଇ ନମ୍ବର ପ୍ରକୋଷ୍ଠର ଦୃଶ୍ୟ ଉଦ୍‌ଭାସିତ ହୋଇ ଉଠିଲା । ବିକୃତ ମାନସିକ ସ୍ଥିତି ନେଇ ମିଥ୍ୟା ପ୍ରତାରଣା ଭିତରେ ବଂଚିଥିବା ସ୍ତ୍ରୀଲୋକର ମୁହଁଟି ଦିଶିଗଲା । ଏସ୍.ଏନ୍.ସି.ୟୁ.ରୁ ପୁଅ ଆସିବ, ଆଉ ସେ ତାକୁ ନେଇ ଘରକୁ ଯିବ - ଏଇପ୍ରକାର ଦୃଢ଼ ପ୍ରତିଜ୍ଞା ଓ ପ୍ରତୀକ୍ଷା ଭିତରେ କାଳକାଟୁଥିବା ସ୍ତ୍ରୀଟି ଯେତେବେଳେ ଶୁଣିବ ଯେ ତା' ପୁଅ ଆଉ ନାହିଁ, ସେତେବେଳେ କ'ଣ ହେବ ତା'ର ଅବସ୍ଥା ? ସତ୍ୟ ଏବଂ ବାସ୍ତବ ସ୍ଥିତି ଉପରେ ମିଛର ପ୍ରଲେପ ଦେଇ କେତେଦିନ ବା ମଣିଷ ଚଳିପାରେ ! ସତ୍ୟ ସର୍ବଦା ନିରାପଦ ଏବଂ ସତ୍ୟପାଖରେ ମିଥ୍ୟା ଅତ୍ୟନ୍ତ ଦୁର୍ବଳ ଓ କ୍ଷତିକାରକ । (କ୍ରମଶଃ)



ଅନୁବାଦ- ବିନୟ କୁମାର ଦାସ

ମୂଳ ହିନ୍ଦୀ- ବିଭା ରଶ୍ମୀ

## ନଖ

ଡାକ୍ତରାଣୀଙ୍କ ପ୍ରତିଟି ଆଦେଶକୁ ସେ ଅତି ନିଷ୍ଠାର ସହିତ ପାଳନ କରିଚାଲିଥିଲା । ତାଙ୍କର କୌଣସି କଥାକୁ ସେ କେବେବି ନା କରିନାହିଁ । ହେଲେ ଗତକାଲିର ଘଟଣା ତାକୁ ହତଚକିତ କରାଇଦେଲା । ତା ଅଜାଣତରେ ସେ ଯେ ପ୍ରତିଦିନ ପାପ କରିଚାଲିଥିଲା, ସେତକ ସେ ଜାଣିଲା ଗତକାଲି ଯେତେବେଳେ ଡାକ୍ତରାଣୀ ଦେଇଥିବା ଥଳିକୁ ସେ ଜଂଗଲରେ ଫୋପାଡୁଥିବା ସମୟରେ ତାହା ଅକସ୍ମାତ ଖୋଲି ଯାଇଥିଲା ଓ ତା ଭିତରେ ଥିବା କନ୍ୟାଭୃଣକୁ ସେ ଦେଖିପାରିଲା । ତା ମାନେ ତାକୁ ପ୍ରତିଦିନ ଡାକ୍ତରାଣୀ ଯେଉଁ ଥଳି ଜଂଗଲରେ ଫୋପାଡି ଦେବା ପାଇଁ ବା ପୋତି ଦେବାପାଇଁ ଦେଉଥିଲେ, ସେଥିରେ କେବଳ କନ୍ୟାଭୃଣ ରହୁଥିଲା ? ସେହି ଚଣ୍ଡାଳ ଡାକ୍ତରାଣୀଙ୍କ ପ୍ରତି ତା ହୃଦୟରେ ଘୃଣା ଭରିଗଲା ।  ସେ ଥଳିରେ ଯେ କନ୍ୟାଭୃଣ ରହୁଥିଲା, ସେ ବା ଜାଣନ୍ତା କେମିତି ? ଥଳି ତ ବନ୍ଦ ରହୁଥିଲା । ତାର ଧାରଣା ଥିଲା ସେଥିରେ କ୍ଲିନିକରୁ ବାହାରୁଥିବା ବିଭିନ୍ନ ଆବର୍ଜନା ରହୁଥିବ ବୋଲି, ଯାହାକୁ ସର୍ବସାଧାରଣ ସ୍ଥାନରେ ପକାଇଲେ ନାନା ପ୍ରକାରର ରୋଗ ସଂକ୍ରମଣ କରିବାର ସମ୍ଭାବନା ଥିଲା । ହେ, ଭଗବାନ ! କି ପାପ ମୋ ଦ୍ୱାରା କରାଯାଉଥିଲା ଏତେଦିନ ଧରି ଏତକ ଭାବି ତା ଦେହମୁଣ୍ଡ କଣ ହୋଇଗଲା ।

ତା' ସ୍ତ୍ରୀ ଲାଜୋ ପ୍ରଥମଥର ମାଆ ହେବାକୁ ଯାଉଥିଲା । ଏବେ ତାର ତିନି ମାସର ଗର୍ଭ ଚାଲିଛି । ଲାଜୋ ଯଦି କୌଣସି ମତେ ଜାଣିଯିବ ଯେ ତା ଗର୍ଭରେ ବଢୁଥିବା ସନ୍ତାନର ବାପା ଏମିତି ଏକ ଘୃଣ୍ୟ କାମ କରିଚାଲିଛି, କଣ ଭାବିବ ସେ ? ଦୁଃଖ ଆଉ ହତାଶରେ ସେ ଭାଙ୍ଗି ପଡିବ ସିନା । ଏମିତି ବି ହୋଇପାରେ ସେ ତାକୁ ଚିରଦିନ ପାଇଁ ଛାଡି ତା ବାପଘରକୁ ବି ଚାଲିଯାଇପାରେ ।

"ଆରେ ବୁଦ୍ଧିଆ, ତୋ ସ୍ତ୍ରୀକୁ ତୁ ଏ ଯାଏ ଚେକ୍‌ଅପ୍ ପାଇଁ ଆଣିଲୁ ନାହିଁ ? ତିନି ମାସ ହେଲାଣି ପରା ? ଆରମ୍ଭରୁ ନିୟମିତ ଚେକ୍‌ଅପ୍ କରି ଔଷଧ ସେବନ କଲେ ମାଆ ଆଉ ଗର୍ଭସ୍ଥ ଶିଶୁ ସୁସ୍ଥ ରହିବେ ସିନା ।"

ଡାକ୍ତରାଣୀଙ୍କ ଏତିକି କଥା ଶୁଣିବା ମାତ୍ରେ ତା ଆଖି ଆଗରେ ଗତକାଲିର ଦୃଶ୍ୟ ନାଚିଗଲା ।

"ଆରେ କଣ ଏତେ ଭାବୁଛୁ ? ଆସନ୍ତାକାଲି ତାକୁ କ୍ଲିନିକକୁ ନେଇଆ ।"

"ଆସନ୍ତା କାଲି ? ମୁଁ ଆସନ୍ତାକାଲି ଛୁଟି ନେବି ମାଡାମ୍ । ଏକ ଜରୁରୀ କାମ ଅଛି ।" ହାତଯାଡି କହିଲା ବୁଦ୍ଧିଆ । ଡାକ୍ତରାଣୀ କ୍ୟାଲେଣ୍ଡର ଦେଖି କହିଲେ, "ହଉ ଠିକ୍ ଅଛି । ହେଲେ ମନେରଖ, ଯେତେ ଜଲଦି ହୋଇପାରେ ତାକୁ ଆଣି ଏଠାରେ ଚେକ୍‌ଅପ୍ କରାଇ ନେ । ସେଥିରେ ତୋର ମଂଗଳ ।"

"ହଁ, ସେୟା କରିବି ମାଡାମ୍ । ତେବେ ସେ ଆସିବାକୁ ରାଜି ହେଲେ ତାକୁ ଏଇ ଦିନେ ଦୁଇଦିନ ଭିତରେ ନେଇ ଆସିବି ।"

କ୍ଲିନିକ୍‌ରୁ ଘରକୁ ଫେରିବା ବାଟରେ ସେ ଖୁବ୍ ଜୋରରେ ସାଇକେଲ ପ୍ୟାଡେଲ ମାରିବାକୁ ଲାଗିଲା । ମନକୁ ମନ କହୁଥିଲା , "ମୁଁ ଲାଜୋକୁ ଜମାରୁ ଦେଖାଇବି ନାହିଁ ଏ ଡାକ୍ତରାଣୀକୁ ...ସେ ତ ଖୁନୀଟିଏ । କିଏ ଜାଣେ ମୋ ଲାଜୋ ଗର୍ଭରେ ଥିବା ସନ୍ତାନ ଯଦି ଝିଅ ହୋଇଥିବ , ତେବେ ତ ସିଏ ତାକୁ ତା ଗର୍ଭରୁ ହିଁ ଶେଷ କରିଦେବ ।  ମୋ ଲାଜୋକୁ ତ ଝିଅଟିଏ ଦରକାର । ଆମର ପ୍ରଥମ ସନ୍ତାନ ଝିଅଟିଏ ହେଲେ ଲାଜୋ କେତେ ଖୁସି ହେବ । ନା..ନା..ଜମା ମୁଁ ଲାଜୋକୁ ଏଠିକି ଆଣିବି ନାହିଁ  କି ଏ ଡାକ୍ତରାଣୀକୁ ଦେଖାଇବି ନାହିଁ, ଯାହାର ଲମ୍ବାଲମ୍ବା ତୀକ୍ଷ୍ଣ ନଖ ରହିଛି ।

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯



ସତ୍ୟ ରଞ୍ଜନ ମିଶ୍ର

## ଅର୍ଥର ସଦୁପଯୋଗ

ବ୍ୟାଙ୍କ ମ୍ୟାନେଜର ରୂପେ ଚାକିରୀରୁ ଅବସର ନେଲାପରେ ରାଜକିଶୋର ବାବୁ ନିଷ୍ପତ୍ତି ନେଲେ ଯେ, ସେ ସାରା ଜୀବନ ପରିଶ୍ରମ କରି ଅର୍ଜନ କରିଥିବା ପୁଞ୍ଜି ଅର୍ଥକୁ ଦାନ ଧର୍ମରେ ବିନିଯୋଗ କରି ପୁଣ୍ୟ ଅର୍ଜନ କରିବେ । ଏକମାତ୍ର ପୁତ୍ର ଏବେ ନିଜ ପତ୍ନୀ ଓ ସନ୍ତାନ ସମେତ ଆମେରିକାର ସ୍ଥାୟୀ ବାସିନ୍ଦା। ଭାରତ ଫେରିବା ଆଉ ସେଠି ବସବାସ କରିବାର ସମ୍ଭାବନା ବହୁତ କମ୍ । ଅର୍ଥାଭାବ ଜନିତ ସମସ୍ୟା ବି ନାହିଁ ସେମାନଙ୍କର । ତେଣୁ ଅଯଥା ଧନ ସଞ୍ଚି କୌଣସି ଲାଭ ନାହିଁ ବରଂ ତାକୁ ଗରିବ ଶ୍ରେଣୀ ର ଲୋକଙ୍କ ମଧ୍ୟରେ ଦାନ ସୂତ୍ରରେ ବାଣ୍ଟିଦେବା ଉଚିତ ହେବ ଭାବି ରାଜକିଶୋର ବାବୁ ଏପରି ନିଷ୍ପତ୍ତି ନେଲେ ।

ପତ୍ନୀ ଶକୁନ୍ତଳା କିନ୍ତୁ ଏଥିରେ ଆଦୌ ରାଜି ହେଲେନି । ସେ ରାଜକିଶୋର ବାବୁଙ୍କୁ କହିଲେ, 'ବୁଝିଲ, ଉକ୍ତ ଅର୍ଥକୁ ହାତକୁ ହାତ ଦାନ କରିବା ବଦଳରେ ଗୃହ ନିର୍ମାଣରେ ବିନିଯୋଗ କର ଏବଂ ଘରକୁ ଚାହିଁ ଦାମୀ ଗାଡ଼ିଟିଏ ଆଣ । ସେଥିରେ ଅଧିକ ପୁଣ୍ୟ ପ୍ରାପ୍ତି ହେବ ।'

ଏକଥା ଶୁଣି ରାଜକିଶୋର ବାବୁ ଆଶ୍ଚର୍ଯ୍ୟାନ୍ୱିତ ହେଇ ପଚାରିଲେ, 'ୟେ କଣ ଶକୁନ୍ତଳା, ସାରା ଜୀବନ ଯିଏ ଧର୍ମପ୍ରାଣା ସ୍ତ୍ରୀ ରୂପେ ମୋ ଆଖିରେ ଦୃଶ୍ୟମାନ ହେଉଥିଲା, ସେ ଆଜି ଦାନ ଧର୍ମ ଆଦିରୁ ମୋତେ ବିଚ୍ୟୁତି କରି ଗୃହ ନିର୍ମାଣ ଓ ଯାନବାହାନ କ୍ରୟ ଆଦି କାର୍ଯ୍ୟ ପ୍ରତି ଆସକ୍ତି ବ୍ୟକ୍ତ କରୁଛି ତଥା ସେଥିରେ ପୁଣ୍ୟ ହେବ ବୋଲି କହୁଛି ? ମୁଁ ତ କିଛି ବୁଝିପାରୁନି । ତାଛଡା ଆମର ଏବେ ନୂତନ ଗୃହର କଣ ଆବଶ୍ୟକତା ଅଛି ? ପୁରୁଣା ଘରର ତ ବିଶେଷ କିଛି କ୍ଷତି ହେଇନି । ଆଉ ପୁଣି ଏ ବୟସରେ ଦାମୀ ଗାଡି କଣ ହେବ ? ଏସବୁରେ ଅର୍ଥ ବିନିଯୋଗର ମାନେ ହେଲା ଅର୍ଥର ଦୂରୁପଯୋଗ । ଏଥିରୁ ପୁଣ୍ୟ ମିଳିବ କୁଆଡୁ ?'

ଶକୁନ୍ତଳା ଦେବୀ ହସି ହସି ଉତ୍ତର ଦେଲେ, 'ଭାବିଲ ଦେଖି, ଗୃହ ନିର୍ମାଣ ଦ୍ୱାରା କେତେ ଲୋକଙ୍କ ରୋଜଗାର ବଢ଼ିବ ! ! ପ୍ରଥମେ ତ ମୂଲ ଲାଗି ପେଟ ପୋଷୁଥିବା ମୁଲିଆ ମିସ୍ତ୍ରୀ ମାନେ ମଜୁରୀ ଲାଭ କରିବେ । ତାପରେ, ବାଲି, ଗୋଡି, ଇଟା, ସିମେଣ୍ଟ, ଲୁହା ରଡ଼ ଆଦି ପ୍ରସ୍ତୁତିରେ ସହଯୋଗ କରୁଥିବା ହଜାର ହଜାର ଲୋକ ଲୋକ ନିଜର ପାରିଶ୍ରମିକ ପାଇବେ । ଘରେ ରଙ୍ଗ ଦେବାକୁ ହେଲେ ରଙ୍ଗ ପ୍ରସ୍ତୁତିକାରୀ ଲୋକ ଏବଂ ରଙ୍ଗ ଲଗେଇବା କାମ କରୁଥିବା ରଙ୍ଗ ମିସ୍ତ୍ରୀ ରୋଜଗାରକ୍ଷମ ହେବ । ଜଳ ନିଷ୍କାସନ ତଥା ଜଳ ସଂଯୋଗ ବ୍ୟବସ୍ଥା କରୁଥିବା ପାଇପ ମିସ୍ତ୍ରୀ ଉପକୃତ ହେବ । ବୈଦ୍ୟୁତିକ ସଂଯୋଗ କରୁଥିବା ମିସ୍ତ୍ରୀ କିଛି ପଇସା କମେଇବ । ନୂତନ ଘର ପ୍ରତିଷ୍ଠା କାମରେ ବ୍ରାହ୍ମଣ ପୂଜକଟିଏ ଧନ ଲାଭ କରିବ । ନୂତନ ଘରର ଆସବାବପତ୍ର କ୍ରୟ ଦ୍ୱାରା ଉକ୍ତ ଦୋକାନୀ ଲାଭବାନ ହେବ । ତାଛଡା, ଆମେ ନୂଆ ଘରେ ନରହିଲେ ବି ସେଇ ଘରକୁ ଦୋକାନ ରୂପେ ବ୍ୟବହାର କରିବା ପାଇଁ ଭଡା ସୂତ୍ରରେ ତ ଦେଇପାରିବା ଯାହାଦ୍ୱାରା କିଛି ଲୋକ ରୋଜଗାରକ୍ଷମ ହେବେ । ସେହିପରି ନୂତନ ଯାନ କ୍ରୟ ଦ୍ୱାରା, ସେଥିରେ ନିଯୁକ୍ତ କେତେ କେତେ ଯନ୍ତ୍ରୀ ଲାଭବାନ ହେବେ ଭାବିଲ ଦେଖି ! ! ଯନ୍ତ୍ରାଂଶ ପ୍ରସ୍ତୁତ କରୁଥିବା ସଂସ୍ଥାର ଶହ ଶହ କର୍ମୀ ଙ୍କଠୁ ଯାନ ପ୍ରସ୍ତୁତି ତଥା ଯାନ ର ମରାମତି ଆଦି କାର୍ଯ୍ୟରେ ନିଯୁକ୍ତ ହଜାର ହଜାର କର୍ମୀ ରୋଜଗାର ପାଇବେ । ପେଟ୍ରୋଲ ଡିଜେଲ ଆଦି କ୍ରୟ ଦ୍ୱାରା କେତେ କର୍ମଚାରୀ ଉପକୃତ ହେବେ । ଏଥର କୁହ ତ ପରିଶ୍ରମ ବିନିମୟରେ ଅର୍ଥ ଖର୍ଚ୍ଚ ଆଉ ବିନା ପରିଶ୍ରମରେ ଅର୍ଥ ର ବଣ୍ଟନ ମଧ୍ୟରୁ କୋଉଟା ଅର୍ଥର ସଦୁପଯୋଗ ? ବିନା ପରିଶ୍ରମ ମୂଲ୍ୟରେ ମାଗଣା ଅର୍ଥ ବଣ୍ଟନ ଦ୍ୱାରା ସେମାନେ ତାର ମୂଲ୍ୟ ବୁଝିବେ ତ ? ନା କେବଳ ଅଳସୁଆପଣର ବେମାରୀ ସୃଷ୍ଟି ହେବ ? ? ଆଉ ହଁ, ତୁମ ଧର୍ମପ୍ରାଣା ପତ୍ନୀ ଠାରେ ଆଦୌ ପରିବର୍ତ୍ତନ ଆସିନାହିଁ । ଗୃହ ନିର୍ମାଣ ଆଉ ଯାନ କ୍ରୟତ ମୁଁ କେବଳ ଉଦାହରଣ ସ୍ୱରୂପ କହୁଥିଲି । ତୁମେ ଚାହିଁଲେ ଏଥି ସହିତ ବିଦ୍ୟାଳୟ, ଶିଶୁ ଆଶ୍ରମ, ଜରାଶ୍ରମ, ଦାତବ୍ୟଖାନା ଆଦି ନିର୍ମାଣ କରିପାରିବ ତଥା ଉକ୍ତ ସ୍ଥାନ ମାନଙ୍କୁ ଯିବା ଆସିବାରେ ସୁବିଧା ପାଇଁ ଯାନ କ୍ରୟ କରି ଦାନ ସୂତ୍ରରେ ପ୍ରଦାନ କରିପାରିବ । ଏହାହିଁ ହେବ ଅର୍ଥ ର ପ୍ରକୃତ ସଦୁପଯୋଗ । '

ରାଜକିଶୋର ବାବୁ ପତ୍ନୀଙ୍କ ବୁଦ୍ଧିମତାକୁ ମନେମନେ ଖୁବ ପ୍ରଶଂସା କରିବା ସହ ତାଙ୍କ କଥାର ଅସଲ ତାତ୍ପର୍ଯ୍ୟ ବୁଝିପାରି ଶେଷରେ ନିଜର ସମ୍ମତି ଜଣାଇଲେ ।

+ ଅଡ଼ଙ୍ଗ ଶାସନ, ଜଗତସିଂହପୁର
ମୋବାଇଲ : ୮୭୫୮୪୧୨୭୮୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ମାର୍ଚ୍ଚ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୩୧)



## ସାହିତ୍ୟକାର : କେତେଦୂର ନକଲି ଠୁଁ ଅସଲି (୨)


ଡ. ରାଧାରଂଜନ ପଟ୍ଟନାୟକ


(ପୂର୍ବ ପ୍ରକାଶିତ ଉତ୍ତାରୁ) ଏଇ ନକଲି ସାହିତ୍ୟକାରଙ୍କ ପ୍ରାଦୁର୍ଭାବ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ, ବିଚରା ବାସ୍ତବ ସର୍ଜନକ୍ଷମ ମଣିଷଟିର ନିଜର ପରିଚୟ ସଙ୍କଟରେ ପଡ଼ିଛି। ସାହିତ୍ୟକୁ ନେଇ ଘୋଡ଼ା ବେପାର କରିବାରେ ସିଦ୍ଧହସ୍ତ ଏମାନେ। ସମ୍ବର୍ଦ୍ଧନାପତ୍ର ସାଉଁଟିବା ଏବଂ ପ୍ରଶସ୍ତିପତ୍ର ବାଣ୍ଟିବା ଭଳି କାର୍ଯ୍ୟରେ ହାତ ଦେଇ ଖୁବ୍ ଆହ୍ଲାଦିତ ହୁଅନ୍ତି। ବାସ୍, କଥା କ'ଣ ଏଇଠି ଅଟକି ଯାଏ କି? ନା - ଆଞ୍ଚଳିକଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ସାହିତ୍ୟ ସଭାର ଆୟୋଜନ କରି ନିଜ ମହୁରୀ ନିଜେ ବଜାଇ ଥାଆନ୍ତି। ଆଜିକାଲି ଏଇ ଶ୍ରେଣୀର ସାହିତ୍ୟିକମାନେ ମୁଖ୍ୟତଃ କବିତା ରାଜ୍ୟରେ ନିଜର ଜାଲ ବିଛାଇଛନ୍ତି। କିଛି ଅ-ସାହିତ୍ୟିକ ରୂପୀ ମାଛକୁ ବି ଛାଣିଥାନ୍ତି। ଅଦଳବଦଳ ରୀତିରେ ପୁରସ୍କାର ଅଦାନ ପ୍ରଦାନ ବି ହେଉଛି। ଯାହାକୁ ଇଂରାଜୀରେ Barter system କୁହାଯାଏ। ଏତାଦୃଶ ନୀଚ ସ୍ତରର କାର୍ଯ୍ୟ କେବଳ ନକଲି ସାହିତ୍ୟିକମାନେ ହିଁ କରିପାରନ୍ତି।

ଏମାନେ ସାହିତ୍ୟକୁ ବାମ ହାତର ଖେଳ ବୋଲି ଭାବନ୍ତି। ଅନେକ ଉଦ୍ଧାରକରା ଶବ୍ଦକୁ ଏପଟ ସେପଟ କରି କବିତା ରଚନା କରିବାରେ ବେଶ୍ ଓସ୍ତାଦ୍। ଠିଆଠିଆ କବିତା, ବସୁବସୁ କବିତା, ଦେଖୁଦେଖୁ କବିତା ସତେ ଯେମିତି ଆପଣାଛାଏଁ ଉଧେଇ ଆସେ ଏଇ ଲେଖକମାନଙ୍କ ହାତରୁ। ସୁତରାଂ ଏପରି ସ୍ଥଳେ ଆମେ କ'ଣ ଆଶା କରିବା? ମୋର ତ ମନେ ହୁଏ, ସାହିତ୍ୟ ଉପବନରେ ପ୍ରଜାପତିମାନଙ୍କର ସଂଖ୍ୟା ହ୍ରାସ ପାଉଥିଲା ବେଳେ, ସଁବାଳୁଆ ମାନଙ୍କର ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏହା ଆମ ଭାଷା ସାହିତ୍ୟର ଭବିଷ୍ୟତ ପ୍ରତି ବିପଦ କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ନକଲି ସାହିତ୍ୟିକମାନେ ନିଜକୁ ଖୁବ୍ ଜୋର୍‌ସୋର୍ ବିଜ୍ଞାପିତ କରିବାରେ ବ୍ୟଗ୍ର ଥାଆନ୍ତି। କୌଣସି ପତ୍ରପତ୍ରିକାରେ ଲେଖାଟିଏ ପ୍ରକାଶ ପାଇଲେ, ସେମାନଙ୍କର ଗୋଡ଼ ଆଉ ତଳେ ଲାଗେନାହିଁ। ବାସ୍, ତା'ପରେ ଆଉ କ'ଣ? ନିଜ ଲେଖା ନିଜେ ପଢ଼ନ୍ତି, ଖୁସି ବି ହୁଅନ୍ତି। ଅନ୍ୟକୁ ବି ଦେଖାନ୍ତି। ଅବସୋସ୍‌ର କଥା, ଏମାନେ ନିଜ ଲେଖା ବ୍ୟତୀତ ଅନ୍ୟ କାହାରି ଲେଖା ପଢ଼ନ୍ତି ନାହିଁ କି ତାରିଫ୍ ବି କରନ୍ତି ନାହିଁ। ଏପରିକି ପାଠକୀୟ ଆବେଦନ (Readers response) ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଯଦି ଏପରି ପ୍ରତି ମୁହୂର୍ତ୍ତରେ ଚାଲେ, ତେବେ କବିତ୍ୱର ହର୍ମ୍ୟ ତାସ୍ ଘର ପରି ଯେ ଭୁଷୁଡ଼ି ପଡ଼ିପାରେ- ଏ କଥାକୁ ଅସ୍ୱୀକାର କରିହେବ ନାହିଁ।

ଲେଖକଟିଏ ନିତ୍ୟ କାଳର ନେତ୍ରଟିଏ। ତା'ଠି ମିଥ୍ୟାଚାର ଶୋଭା ପାଏନା। (ସାମ୍ପ୍ରତିକ କବିତାର କୁଳଶୀଳ, ଡ. ଶରତ ଚନ୍ଦ୍ର ପ୍ରଧାନ - ପୃଷ୍ଠା -୧୫) ମାତ୍ର ଏହି ସତ୍ୟକୁ ହେଜା କରିପାରୁ ନାହାନ୍ତି ଏବର କିଛି ନକଲି ସାହତ୍ୟିକ। ଜୀବନର ଅଭୁଲା ସତ୍ୟକୁ ପ୍ରକାଶ ନ କରି କଳ୍ପଲୋକର କଥା କହିବାକୁ ଯେମିତି ବ୍ୟସ୍ତ ଓ ବିବ୍ରତ। ସୁତରାଂ ଏଇଥିପାଇଁ ଅଧିକାଂଶ ଲେଖାର ମାଟିର ମହକ ନାହିଁ, ନାହିଁ ପୁଣି ଭାବ ବସ୍ତୁର ଝଲକ୍। ସବୁ ଯେମିତି କେନ୍ଦ୍ରଚ୍ୟୁତ। ନକଲି ସାହିତ୍ୟିକ ନିଜ ନିଜର ଗୋଟେଗୋଟେ ଅଜବ ଦର୍ପଣ ପାଲଟି ଯାଇଛନ୍ତି। ଏଥିରେ କ'ଣ ସମାଜର ଚିତ୍ରକୁ ନିରିଖେଇ ଦେଖିହେବ? ଏଥିରେ କ'ଣ ଧୂଳି ମାଟି ମଣିଷର ଜୀବନରେଖା ଆଙ୍କିହେବ? ତେଣୁ ସାହିତ୍ୟ ସମାଜ ଦର୍ପଣ ହେବା ଉଚିତ୍। ଯାହା ଅସଲି ସାହିତ୍ୟକାର ମାନଙ୍କର ଆଦର୍ଶ ହୋଇଥାଏ।

ବର୍ତ୍ତମାନ କେତେକ ଅ-ସାହିତ୍ୟିକ ସ୍ରଷ୍ଟାର ଭୂମିକାରେ ଅବତୀର୍ଣ୍ଣ। ବିଭିନ୍ନ ସାହିତ୍ୟ ସଭାରେ ଏମାନଙ୍କର ହୁଏ ଅଚାନକ ଆବିର୍ଭାବ। ନିଜ କବିତା ନିଜେ ପଢ଼ନ୍ତି। ପଠନ ପରେ ସଭାକାର୍ଯ୍ୟ ନ ସରୁଣୁ ସ୍ଥାନ ତ୍ୟାଗ କରନ୍ତି ପୁଣି ଏକ ସାହିତ୍ୟ ଆସରରେ ନିଜ କବିତା ପଢ଼ିବାପାଇଁ। ଏମାନଙ୍କ ସୃଷ୍ଟିରେ ନା ଥାଏ ବୌଦ୍ଧିକ ବିଶ୍ଳେଷ, ନା ଥାଏ ସାଙ୍କେତିକତା। ପାଠକକୁ ସ୍ପଷ୍ଟ କଲା ଭଳି ନଥାଏ ଅନୁଭବର ଉଷ୍ମତା, ନଥାଏ ପ୍ରାଣ ଧର୍ମତା। ମୋର କହିବାର କଥା, ନବାଗତ ଲେଖକମାନେ ଆତ୍ମ ସଚେତନ ହୁଅନ୍ତୁ। ନକଲି ସାହିତ୍ୟିକଙ୍କ ଠାରୁ ଦୂରେଇ ରହି ସତ୍ ସାହିତ୍ୟିକ ମାନଙ୍କର ସାନ୍ନିଧ ଲାଭ କରନ୍ତୁ। ତେବେ ଯାଇ ଓଡ଼ିଆ ଭାଷାର ପ୍ରକୃତ ସେବକ ହୋଇପାରିବା।

ଆଜି ସମାଜରେ ଚାଲିଛି ପ୍ରତିଯୋଗିତାର ଘୋଡ଼ାଦୌଡ଼। ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ବୃଥା ଅହଂକାର। ଏଠାରେ ସାଧୁତା, ନିଷ୍ଠା ତଥା ପ୍ରଜ୍ଞାର ଆବଶ୍ୟକତା ରହେନାହିଁ। ଯିଏ ଅନ୍ୟକୁ ତୋଷାମଦ କରି ଧରାଧରି କରିପାରିଲା, ତା'ର ସେତିକି ପ୍ରମୋସନ୍। ତେଣୁ ଆଜିର ଚେୟାର ଜାବୁଡ଼ି ଧରିଥିବା ବିଚାରକମଣ୍ଡଳୀ ସାଧୁତା, ଏକାଗ୍ରତା ଏବଂ କାଳଜୟୀ ସୃଜନ ସ୍ୱାକ୍ଷରକୁ ବିଚାରକୁ ନିଅନ୍ତି ନାହିଁ। ଫଳରେ ନକଲି ସାହିତ୍ୟ ଶଠତାର କାରଖାନା ଖୋଲି ସାରିଲେଣି। ଯେଉଁଥିପାଇଁ ପଣ୍ୟାୟିତ ସଭ୍ୟତାର ସାହିତ୍ୟ ସେହି ବୈପଣିକ ଭାବ ଓ ଭାବନାର ହେଉଛି ନାନ୍ଦିକାର। ବାହ୍ୟିକ ରୂପସଜ୍ଜା ତଥା ପ୍ରସାଧାନ ଏତେ ଉତ୍କଟ ହୋଇଯାଇଛି ଯେ, ସାହିତ୍ୟର ଅନ୍ତରାତ୍ମା ସଂକୁଚିତ ହେବାରେ ଲାଗିଛି। ଫଳରେ ସାହିତ୍ୟରେ ଗଢ଼ି ଉଠୁଛି ଆତ୍ମମ୍ଭରୀ ଦୁର୍ଗ। ତା' ଭିତରକୁ ସାଧାରଣ ପାଠକଟିଏ ପ୍ରବେଶ କରିପାରୁ ନାହାନ୍ତି।

କିନ୍ତୁ ଅସଲି ସାହିତ୍ୟକାରମାନେ ଏପରି କରନ୍ତି ନାହିଁ। ସେମାନେ ମିଶ୍ର ସଂକ୍ରମଣ ଶୀଳତା, ସ୍ଥାନୀୟତା ଓ ବିଶ୍ୱଦୃଷ୍ଟି, କାର୍ଯ୍ୟଦକ୍ଷ ସଂସ୍କୃତିକୁ ନେଇ ପ୍ରଯୁକ୍ତ ଉପମା, ମନସ୍ତତ୍ତ୍ୱ ସମୀକ୍ଷା, ମାଇକ୍ରୋ ଏପ୍ରୋଚ୍ ଏବଂ ଭାବର ପ୍ରସ୍ଫୁଟିତ ଶୈଳୀ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ଏକ ନିର୍ଦ୍ଦିଷ୍ଟ ଭାବକଳ୍ପରେ ନିଜ ରଚନାର ଗତିକୁ କ୍ଷୀପ୍ର କରିଥାନ୍ତି। ଯାହା ବାସ୍ତବ, ଯାହା ସତ୍ୟ, ତାହାହିଁ ପ୍ରକାଶ କରିଥାନ୍ତି। ଅପ୍ରିୟ ସତ୍ୟକଥା କହି ବି ସେ ହୋଇଥାନ୍ତି ନିର୍ଭୀକ, ଦୃଢ଼ ଏବଂ ଆତ୍ମବିଶ୍ୱାସୀ। ତା'ର ଗୋଟିଏ ଶବ୍ଦ ହୋଇପାରେ ପରମାଣୁ ବୋମା। ତା'ର ବି ଗୋଟିଏ ଶବ୍ଦ ଚନ୍ଦନର ବାସ୍ନା ସୃଷ୍ଟି କରିପାରେ। ସେ ହୋଇପାରେ ବନ୍ଧୁ। ସେ ବି ଉଠାଇପାରେ କଲମର ବନ୍ଧୁକ। ଅସଲି ସାହିତ୍ୟକାର ମାର୍ଜିତ ତଥା ଓଜସ୍ୱୀ ଦାମ୍ଭିକତାପୂର୍ଣ୍ଣ କଥା ହିଁ କହିଥାଏ। ସାହିତ୍ୟ ଜଗତ ସହ ନିବିଡ଼ ସମ୍ପର୍କ ବି ରଖିଥାଏ। ସେ ନିଜର ସ୍ୱାଧୀନ ଚିନ୍ତାର ସ୍ତାବକ ପାଲଟିଥାଏ। କାରଣ ସେ ଜାଣେ - Indipendance is essential value of litereture ମଣିଷ ଆତ୍ମାର ଚିରନ୍ତନ ଭାବାବେଗ ପ୍ରତି ଶ୍ରଦ୍ଧା ଓ ସମର୍ଥନ ରଖିଥାନ୍ତି ଏହି ଶ୍ରେଣୀର ଅସଲି ସାହିତ୍ୟକାର। ସେ ଭୁଲିଥାଏ ସୁଖ ନିଦ୍ରା। ସେ ହିଁ ସର୍ଜନା କରେ ସତ୍ୟ ଶିବ ସୁନ୍ଦରର ଏକ ନାନ୍ଦନିକ ବିଶ୍ୱ। ସେ ଯାହା ଲେଖେ ତାହା ନିଜର ହୋଇ ରହେ ନାହିଁ। ବରଂ ପାଠକର କୋଠସମ୍ପତ୍ତି ହୋଇଯାଏ। ସେ ଖୋଜେ ବିନ୍ଦୁରୁ ସିନ୍ଧୁଯାଏ। ସେ କ୍ଲାନ୍ତ ହୁଏନା। କି ଅବଶ। ଠିକଣା ଜାଗାରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ଚାଲିଥାଏ। ସେଥିପାଇଁ ଦୁନିଆ ସାମ୍ନାରେ ଏତାଦୃଶ ଅସଲି ସାହିତ୍ୟକାରମାନେ ପାଗଳର ଆଖ୍ୟା ପାଇଥାନ୍ତି। ତାଙ୍କର ଅନ୍ୱେଷଣା ମାଟିରୁ ଆକାଶ। ଆଖି ପାଉ ନଥିବା ସୁଦୀର୍ଘ ଦିଗବଳୟ ପର୍ଯ୍ୟନ୍ତ। ସୃଜନଶୀଳ ବ୍ୟକ୍ତି ପୁରୁଷଟି ଯେଉଁ ସାରସ୍ୱତ କ୍ରିୟାରେ ଲିପ୍ତ ଥାଏ, ତାହା ଏକ କଳାତ୍ମକ ସ୍ୱପ୍ନ ଭିନ୍ନ ଅନ୍ୟ କିଛି କୁହାଯାଇ ନପାରେ। ସେ ନିଜକୁ ନିଜେ ଉନ୍ମୁକ୍ତ କରିଦିଏ। ଖୋଲା ହୃଦୟର ମନକଥା ବଖାଣି ବସେ।

ଶେଷରେ ଏତିକି କୁହାଯାଇପାରେ, ସାରସ୍ୱତ ଜଗତର ଅହେତୁକ ସ୍ତୁତିଗାନ ଶୋଭା ପାଏନା। ସତ୍ୟ ଦିନେ ନା ଦିନେ ଫୁଟି ବାହାରିବ। ବନସ୍ପତି ଘିଅର ଅପମିଶ୍ରଣ ପରି ନକଲି ସାହିତ୍ୟିକ ଏବଂ ଅସଲି ସାହିତ୍ୟର ଗୁମର ଫିଟିବ। ଅସଲି ସାହିତ୍ୟକାର ହିଁ ଆପଣାଛାଏ ପାଠକମାନଙ୍କ ସାମ୍ନାରେ ଆବିର୍ଭାବ ହେବ। ପାଠକମାନେ ଏକ ଫଟୋଗ୍ରାଫିକ୍ ରିୟଲିଟି ପରି ଅସଲି ସାହିତ୍ୟକୁ ଆଦରି ନେବେ। କାରଣ ଅସଲି ସାହିତ୍ୟକାର ଚିତ୍ରଭିତ୍ତିକ ଶବ୍ଦର ସୃଷ୍ଟି କରିପାରେ ଭାବର ଇନ୍ଦ୍ରଜାଲ। ସେ ହିଁ ଭାବର ଛାଞ୍ଚ ଉପରେ ଶବ୍ଦର ଇଟାକୁ ଯୋଡ଼ିପାରେ। ସେ ହିଁ ଚେତନାର ଆବେଗରେ ସୃଷ୍ଟି କରିପାରେ ତରଙ୍ଗ। ବୋଧୁଏ ଏହାଁ ହିଁ ଅସଲି ସାହିତ୍ୟକାରର ପରିଚୟ। (ସମାପ୍ତ)


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ୩୭ ସ୍ମୃତି ଶତଦଳ



## ।। ରସରଂଜନ ଓ ନିଶିଗନ୍ଧା ଏକ ସୁନ୍ଦର ସମନ୍ୱୟ ।।


ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ବୈକୁଣ୍ଠ ସମାନ ଆହା, ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"

ସତରେ ଯେଉଁଠି ପରିବାରର ପ୍ରତ୍ୟେକ ସଦସ୍ୟ ଗୋଟିଏ ସ୍ନେହ ମମତାର ପାଟ ଡୋରିରେ ବନ୍ଧା ହୋଇଥାନ୍ତି ଏବଂ ପ୍ରତ୍ୟେକଙ୍କ ପାଇଁ ପ୍ରତ୍ୟେକେ ପ୍ରାଣ ଦେବା ଯାଏଁ କଥା ଯାଏ, ସେଠି ଜଏଣ୍ଟ୍ ଫ୍ୟାମିଲିର ପ୍ରକୃତ ସମସ୍ତେ ଚାର୍ମ ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ହୋଇଯାନ୍ତି ସମସ୍ତେ ବୁଝି ପାରନ୍ତି ଏବଂ ସଭିଏଁ ସଭିଙ୍କର ଦୁଃଖରେ ଏବଂ ସୁଖରେ ଭାଗୀଦାର ହୋଇଥାନ୍ତି । ତେଣୁ ଏଇସବୁ ଅନୁଭୂତି ଗୁଡ଼ିକ ନିଜ ନିଜ ଭିତରେ ବାଣ୍ଟି ଦେଲେ ସୁଖଦ ମୁହୂର୍ତ୍ତ ଗୁଡ଼ିକର ଆୟୁଷ ବହୁଗୁଣ ବଢ଼ିଯାଏ ଏବଂ ଦୁଃଖର ମାତ୍ରା ପ୍ରାୟ ସହସ୍ର ଗୁଣ କମିଯାଏ ।

କିନ୍ତୁ ନିଉକ୍ଲିଆର୍ ଫ୍ୟାମିଲିରେ ଏକା ଏକା ରହିଲେ ନିଜ ଜୀବନର ସୁଖ, ଦୁଃଖ ଓ ଅବସୋସ ଗୁଡ଼ିକୁ କାହା ସହ ବାଣ୍ଟି ହୁଏ ନାହିଁ । ମେଣ୍ଟାଲ ଷ୍ଟ୍ରେସ୍ ସମୟରେ, ସଂପୂର୍ଣ୍ଣ ଏକୁଟିଆ ହୋଇ ମାନସିକ ଅଶାନ୍ତି ଭୋଗିବାକୁ ହୋଇଥାଏ । ବେଳେବେଳେ ସଂପୂର୍ଣ୍ଣ ଅବସାଦ ଗ୍ରସ୍ତ ହୋଇ କେତେକଙ୍କର ଆତ୍ମହତ୍ୟାର ପ୍ରବୃତ୍ତି ମଧ ଦେଖା ଦେଇଥାଏ ଏବଂ ଆଉ କେତେଜଣ ଜୀବନ ପ୍ରତି ବୀତସ୍ପୃହ ହୋଇ କବାଟ କିଳି ଆତ୍ମହତ୍ୟା ମଧ କରିଥାନ୍ତି ।

ରମାରମଣଙ୍କର ଘରେ କିନ୍ତୁ ମୋର ସୌଭାଗ୍ୟ ଆମ ଘରେ ଜଏଣ୍ଟ୍ ଫ୍ୟାମିଲିରେ ବଢ଼ିଥିଲି । ଜଏଣ୍ଟ୍ ଫ୍ୟାମିଲି ସିଷ୍ଟମ୍ ଥିଲା ତାଙ୍କର ସବୁ ଭାଇ ଭଉଣୀଙ୍କର ନିଜ ନିଜ ଭିତରେ ଆସକ୍ତି ଓ ଅନୁରାଗ ଖୁବ୍ ବେଶୀ ଥିଲା । ଭଉଣୀମାନେ ପ୍ରାୟ ପୂଜାଛୁଟିରେ ଆସନ୍ତି ଏବଂ ଯାହାର ପାଠ ସରିଯାଏ, କିଛି କିଛି ଦିନ ଆମ ଘରେ କଟାଇବା ପରେ ଘରକୁ ଫେରିଯାଆନ୍ତି । କ୍ରମେ କ୍ରମେ ସବୁ ନଣନ୍ଦଙ୍କର ବାହାଘର ସରିଗଲା ପରେ କେବଳ ସବା ସାନଦିଅର ଫୁକୁ (ରସରଂଜନ ଷଡ଼ଙ୍ଗୀ) ଙ୍କର ବାହାଘର ବାକି ରହିଥିଲା ଏବଂ ଆମେ ତାଙ୍କର ବାହାଘର ପାଇଁ ପ୍ରସ୍ତାବ ଦେଖିବା ଆରମ୍ଭ କଲୁ ।

ରସରଂଜନ କଥା କଥାକେ ଥଟ୍ଟା, ମଜା କରନ୍ତି । ତାଙ୍କ ପାଇଁ ଭଲ ଝିଅଟିଏ ଦେଖିବା ଏବଂ ଚଏସ୍ କରିବା ଭାର ଆମ ଉପରେ ସେ ନ୍ୟସ୍ତ କରିଥିଲେ । ଥରେ ଝିଅ ଦେଖିବାକୁ ଗଲାବେଳେ ସାରା ଘର ବାହାରି ପ୍ରସ୍ତୁତ ହୋଇଥିଲେ ବି ମୋର କାମ ସରୁନଥିଲା, କାରଣ ଗୋଟିଏ ପରେ ଗୋଟିଏ ରୋଗୀ ଆସୁଥାନ୍ତି ଏବଂ ମୁଁ ଦେଖିସାରି ବାହାରି ଗଲା ପରେ ପୁଣିଥରେ ଅଟକି ଯାଇ କ୍ଲିନିକ୍‌କୁ ଫେରି ଆସୁଥିଲି ଏବଂ ଆଉଥରେ ରୋଗୀ ଦେଖିସାରି ବାହାରୁଥିଲି କାରଣ ରୋଗୀମାନେ ରାସ୍ତାରେ ଆସିବା ବେଳୁ ହିଁ ପାଟିକରିବା ଆରମ୍ଭ କରି ଦିଅନ୍ତି "ଆମର ପେଟ ପେନ୍ ହେଉଛି, ଆମକୁ ଦେଖି ଦେଇ ଯାଆନ୍ତୁ। ମୋଟେ ଛାଡ଼ି ଯାଆନ୍ତୁ ନାହିଁ । ତେଣୁ ସେଦିନ ଏସବୁ ପ୍ରସେସ୍ ଭିତରେ ଯିବାକୁ ଡେରି ହୋଇଯିବାରୁ ଥଟ୍ଟାରେ ଫୁକୁ କହିଲେ "ନୂଆବୋଉ ବ୍ୟସ୍ତ ହୁଅନାହିଁ, ମୋ ବାହାଘରକୁ କେବଳ ଅମୃତଭଣ୍ଡା ତରକାରୀ ଓ ଖିରୀ କରିଦେବ, କାରଣ ବାହାଘର ବେଳକୁ ମୋ' ବୟସ ଓ ମୋ ସାଂଗମାନଙ୍କର ବୟସ ବେଶୀ ହୋଇ ଯାଇଥିବ ଏବଂ ଆଉ କୌଣସି ଜିନିଷ ସେମାନେ ଚୋବାଇ କରି ଖାଇ ପାରିବେନି, କେବଳ ଅମୃତଭଣ୍ଡା ତରକାରୀ ହେଲେ ହିଁ, ଅସୁବିଧା ହେବ ନାହିଁ ଏବଂ ସେମାନେ ଖାଇ ପାରିବେ । ଆମେ ହସି ହସି ସେ ଦିନ ବେଦମ୍ ହୋଇଯାଇଥିଲୁଁ ।

ଆମେ ଯେଉଁ ଝିଅକୁ ଦେଖିବାକୁ ଯାଇଥିଲୁ ସେ ଲୀନା । ଭଲ ନାଁ ନିଶିଗନ୍ଧା ତା'ର ରଙ୍ଗ ଖୁବ୍ ସଫା, ବ୍ୟବହାର ଖୁବ୍ ଭଲ, କଲେଜରେ ଲେକ୍‌ଚରର୍ ଏବଂ ସବର୍ଗୁଣ ସମ୍ପନ୍ନା କହିଲେ ଅତ୍ୟୁକ୍ତି ହେବନାହିଁ । ମାଉସୀ, ମଉସା ଓ ତାଙ୍କ ପରିବାରର ସମସ୍ତେ ଖୁବ୍ ଶାନ୍ତ, ଶିଷ୍ଟ ମାର୍ଜିତ ଓ ସଂସ୍କୃତି ସଂପନ୍ନ । ତେଣୁ ସେଇଠାରେ ହିଁ ବାହାଘର ଠିକ୍ ହେଲା । ଯେତେବେଳେ ବି ସେମାନେ ଆମକୁ ଡାକନ୍ତି, ବହୁତ ଭଲ ରନ୍ଧାବଢ଼ା କରି ପେଟେ ଖୁଆଇ ଛାଡ଼ନ୍ତି । ଦିନେ ମୁଁ ତାଙ୍କୁ କହିଲି "ମାଉସୀ, ମଉସା ଆମ ଘର ଆଡ଼େ ଥରେ ଆସନ୍ତୁ" ଏକଥା ଶୁଣି ହସି ହସି ଫୁକୁ କହିଲେ "ତୁମେ ଦି' ଜଣ ତ ସବୁବେଳେ ଏସ୍.ସି.ବି ମେଡ଼ିକାଲ କଲେଜରେ । ଘରେ କେହି ଲୋକ ନାହାନ୍ତି ସମସ୍ତେ ହସ୍‌ପିଟାଲ୍‌ରେ, କେବଳ ଗେଟ୍ ପାଖରେ ବନ୍ଧାହୋଇଛି ଭିକ୍ଟର୍ (ଆମ ଆଲ୍‌ସିସିଆନ୍ କୁକୁର) ଏବଂ ତା'ର କେୟାର ଟେକର ହେଉଛି ଯୋଗୀନ୍ଦ୍ର । ମଉସା ମାଉସୀ ଆସିଲେ ତାଙ୍କୁ ସ୍ୱାଗତ କରିବ ଯୋଗୀ ଓ ସାଲ୍ୟୁଟ୍ ମାରିବ ଭିକ୍ଟର୍ । ସେଇ ଦୁଇଜଣ ହିଁ ତାଙ୍କୁ ଚର୍ଚ୍ଚା କରିବେ । ଏ କଥାରେ ଆମେ ହସି ହସି ଗଡ଼ିଯାଇ ଥିଲୁ ।

ଇତି ମଧ୍ୟରେ କ୍ୱାର୍ଟରରୁ ସଂପୂର୍ଣ୍ଣ ଭାବରେ ଆମେ ସିଫ୍ଟ କରି ଆସିଲୁ ଲିଂକ୍‌ରୋଡ଼ରେ ଥିବା ନିଜ ଘରକୁ ଏବଂ ୧୯୯୬ ମସିହା ଜାନୁୟାରୀ ମାସରେ ରସ ରଂଜନ ଓ ଲୀନାଙ୍କର ବାହାଘର ହେଲା ।

ଫୁକୁ ହେଉଛନ୍ତି ରମାରମଣଙ୍କର ସାନଭାଇ । ତେଣୁ ବାହାଘର ଦିନ ସମସ୍ତେ ଆସି ଆମ ଲିଂକ୍ ରୋଡ଼ ଘରେ ପହଂଚିଥିଲେ । ବରଯାତ୍ରୀରେ ଯିବା ପାଇଁ ସମସ୍ତଙ୍କର ଆଗ୍ରହ, କାରଣ ଲିଙ୍କ୍ ରୋଡ଼ରୁ ମ୍ୟୁନିସପାଲ୍ଟି ଗେଷ୍ଟହାଉସ- ଅଧମାଇଲ୍ ଆଗରୁ ପ୍ରସେସନ ଓ ନାଚ ଆରମ୍ଭ ହେଲା । ପୁଅ ସିଦ୍ଧାର୍ଥ ସେତେବେଳେ ଏସ୍.ସି.ବି, ମେଡ଼ିକାଲ୍ କଲେଜର ପ୍ରଥମ ବର୍ଷର ଛାତ୍ର । ସିଦ୍ଧାର୍ଥ ଓ ତା'ର ସାଙ୍ଗମାନେ ଯଥା ଅମ୍ରିତ୍, ଚିତ୍ତ, ତୁଷାର, କ୍ରିଷ୍ଣା ଓ ଶିଖା ଖୁବ୍ ନାଚିଥିଲେ ଏବଂ ସେମାନଙ୍କର ନାଚ ହିଁ ପ୍ରସେସନ୍‌ର ମୁଖ୍ୟ ଆକର୍ଷଣ ଥିଲା । ଯଦିଓ ଆମର ନାଚର ଷ୍ଟେପ୍‌ସ୍ ଠିକ୍ ନଥିଲା, ଆମେ ସମସ୍ତେ ବି ଯିଏ ଯାହା ମନଇଚ୍ଛା ହାତ, ଗୋଡ଼ ହଲାଇ ବ୍ୟାଣ୍ଡ ବାଜା ତାଳେ ତାଳେ ଝୁମିବା ଆରମ୍ଭ କଲୁ ।


ଆମେ ନିଶିଗନ୍ଧା (ଲୀନା) ଘରେ ପହଂଚିଲା ବେଳକୁ ଦିନ ୧୨ଟା ବାଜିଲାଣି- ମଉସା କେ.ସି. ପଣ୍ଡା, ଲୀନାର ମା' ଭାଇଭଉଣୀମାନେ ଓ ବନ୍ଧୁ ବାନ୍ଧବମାନେ ସମସ୍ତେ ସେଠି ଭର୍ତ୍ତି ହୋଇଥାନ୍ତି ।

ହାତଗଣ୍ଠି ଠାରୁ ଆରମ୍ଭ କରି ଶେଷ ଯାଏଁ ବାହାଘର ସୁନ୍ଦର ଭାବେ ସଂପୂର୍ଣ୍ଣ ହେଲା । ଏହା ହେଉଛି ଘରର ସବା ସାନପୁଅର ବାହାଘର । ଭାଇ, ଭାଉଜ, ଭଉଣୀ, ଭିଣୋଇ ଓ ସବୁ ବନ୍ଧୁବାନ୍ଧବମାନେ ବାହାରିଲେ ।

ବାହାଘର ଆଗରୁ ମୋ ସାନ ଜା' ଲୀନା ଜୁଲୋଜିରେ ଲେକ୍‌ଚରର୍ ଭାବେ କାମ କରୁଥିଲା, ତେଣୁ ସେ ଆମଘରୁ ତା' କଲେଜକୁ ଯିବା ଆସିବା ଆରମ୍ଭ କଲା କିନ୍ତୁ ସାନ ଦିଅର କେଉଁଝରର ସ୍ପଂଜ ଆଇରନ୍ କମ୍ପାନୀରେ କାମ କରୁଥିଲେ ଏବଂ ଶନିବାର ରବିବାର ଯିବା ଆସିବା କରୁଥିଲେ । କ୍ରମେ କ୍ରମେ ଲୀନା ଏମ୍.ଫିଲ୍ ଓ ପି.ଏଚ୍.ଡି କଲା । ତା'ର ଦୁଇଟି ଝିଅ ଶ୍ୱେତା (ଜୁବୁଲି) ଓ ବୁବୁଲି (ଦିବ୍ୟା) । ମୋ ନଣନ୍ଦମାନେ ଯେମିତି ସାରା ଘର ଦ୍ୱାର ଓ ପିଲାମାନଙ୍କୁ ସମ୍ଭାଳି ନିଜେ ପାଠ ପଢ଼ିବା ସହ ସବୁ କାମ ବୁଝି ନେଉଥିଲେ, ସେମିତି ସାନ ଜା ସେମିତି ଘରର ସବୁ ଜିନିଷ ବୁଝି, ରନ୍ଧାବଢ଼ା ତଦାରଖ ମଧ କରୁଥିଲା । ମୋଟ ଉପରେ ଘରର ସବୁ ଦାୟିତ୍ୱ ମନକୁ ମନ ସେ ନିଜ ଉପରକୁ ନେଇଯାଇଥିଲା । ଏପେଟ କଲେଜର ଜୁଲୋଜିରେ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ କାମ ଚଳାଇବା ସହ ଝିଅମାନଙ୍କର ପାଠ ପଢ଼ାପଢି ମଧ ବୁଝୁଥିଲା । ଆମକୁ ଡାକ୍ତର ଭାବେ କାମ କରିବାର ଦେଖି କ୍ରମେ କ୍ରମେ ବଡ଼ଝିଅ ଶ୍ୱେତା ସମ୍ ମେଡ଼ିକାଲ କଲେଜରେ ଆଡମିଶନ୍ ନେଇ ଏମ୍.ବି.ବି.ଏସ୍ ପାଠ ପଢ଼ିଲା ଏବଂ ଆଦୌ ମେଡ଼ିକାଲ ପଢ଼ିବାକୁ ଚାହୁଁ ନଥିବା ତଥା ଆଇ.ଆଇ.ଟି ପଢ଼ି ଇଂଜିନିଅର ହେବାକୁ ଚାହୁଁଥିବା ଦିବ୍ୟାର ଜୀବନର ଲକ୍ଷ୍ୟ ବଦଳିଗଲା । ଆମକୁ ଅପେରସନ୍ ଥିଏଟ୍ରରେ କାମ କରିବା ତଥା ରୋଗୀମାନଙ୍କ ପାଇଁ ପ୍ରତିବଦ୍ଧତା ହିଁ ତା' ଜୀବନର ମୋଡ ବଦଳାଇ ଦେଇଥିଲା । ଏହାଛଡ଼ା ରସରଂଜନ ମଧ ଆମ ହସ୍‌ପିଟାଲର ମ୍ୟାନେଜର ହିସାବରେ ସବୁକାମ ସମ୍ଭାଳି ନିଅନ୍ତି । ଆମ ପରିବାରର ଏକ ଅପରିହାର୍ଯ୍ୟ ଅଂଗ ପାଲଟିଯାଇଥିବା ରସରଂଜନ, ନୀତିଶିକ୍ଷା, ତଥା ଦୁଇଝିଅ ଶ୍ୱେତା ଓ ଦିବ୍ୟାଙ୍କ ବିଷୟରେ ପଦେ ନ କହିଲେ ମୋର ସ୍ମୃତି ଶତଦଳ ସଂପୂର୍ଣ୍ଣ ହେବ କିପରି ???? (କ୍ରମଶଃ)

## ପୁସ୍ତକ ସମୀକ୍ଷା

**ଭେଦ**
କବି:
**ରତ୍ନାକର ରାଉତ**
ଜ୍ଞାନଯୁଗ ପବ୍ଲିକେଶସନ୍ସ
ଆଇଆରସି ଭିଲେଜ, ନୂଆପଲ୍ଲୀ,
ଭୁବନେଶ୍ୱର-୧୮
ମୂଲ୍ୟ-୧୨୦/-




ଜଗତୀକରଣର ଯୁଗରେ ସାଂପ୍ରତିକ ସମସ୍ୟା ପ୍ରତି ସଂବେଦନଶୀଳ ହେବା ବଦଳରେ ବୈଷୟିକ ଜ୍ଞାନ, କୌଶଳ ଓ ଯାନ୍ତ୍ରିକ ଉତ୍ପାଦର ଗୁଣବତ୍ତା ଓ ମାନବତ୍ତା ଉପରେ ଅଧିକ ଧ୍ୟାନ ଦିଆଯାଇଛି । ଅଥଚ ଜାତିପାଇଁ ନୂଆ ଯୁଗର ପ୍ରବର୍ତ୍ତକ ଗାନ୍ଧୀ, ଗୋପବନ୍ଧୁ, ବିବେକାନନ୍ଦ, ବାଜପେୟୀ ମାନେ ନୀତିନିଷ୍ଠ ଏବଂ ସମାଜନିଷ୍ଠ ଜୀବନରୁ ହିଁ ଉତ୍ତରିତ ହୋଇଥାନ୍ତି ।

ଅତଏବ ଯୁଗବୋଧ ଏକ ତତ୍ତ୍ୱ ନୁହେଁ ଏହା ଚଳନ୍ତି ସମ୍ଭାର ଏକ ଏକ ଦୃଶ୍ୟ । ଏହି ଦୃଶ୍ୟ ସହିତ ଏକାତ୍ମ ହେବା ପରେ କବିଟିଏ ନିଜ ଅଲକ୍ଷ୍ୟରେ ପାଲଟି ଯାଇଥାଏ ଚଳମାନ ରବି । ଏହି ପ୍ରସଙ୍ଗରେ ବରିଷ୍ଠ କବି ରତ୍ନାକର ରାଉତଙ୍କର ଅଷ୍ଟମ କବିତା ସଂକଳନ 'ଭେଦ' ଭିତରେ ପ୍ରଚଳିତ ଦୁର୍ଭେଦ୍ୟ ସାମାଜିକ ଅସଂଗତିର ଭେଦକୁ ଭେଦ କରିବାର କାବ୍ୟିକ ଆବେଦନ ଓ ପ୍ରୟାସ ସ୍ୱାଗତଯୋଗ୍ୟ ନିଶ୍ଚୟ । କବିଟିଏ ଭାବଭୋଳା ହୋଇ ଫୁଲ ଆଉ ଫଗୁଣର ସହରରୁ ଫେରିଲା ପରେ ଦେଖେ ତ ଚୂଲ୍ଲୀରେ ନିଆଁ ନାହିଁ; ଚାଳରେ ନାହିଁ ଖିଏ କୁଟା । ଛାତ ଓ ଭାତର ମଞ୍ଜଥରା ବେଦନାରେ ସମାଜ ସଢୁଥିଲା ବେଳେ ସତ୍ୟଶୀଳ କବିର କଲମ ହିଁ 'ଭେଦ' ରୂପକ ଦ୍ୱନ୍ଦ୍ୱର ଦୋଛକିରେ ଛିଡ଼ା ।

ଅନାବନା ହସ୍ତାକ୍ଷରର ଅରମା ଜଙ୍ଗଲରେ ତଳକୁ ମୁହଁ ପୋତି ବସିଛି କିଏ? 'ଭେଦ' କବ୍ୟଯାତ୍ରାରେ ଏହି ଏକକ ଅଭିନେତାର ପରିଚୟ କଣ ନନ୍ଦଦାସ? 'ଭେଦ'ର ଶବ୍ଦବନ୍ଧନରେ ବିଛନ୍ଦ ଆଙ୍ଗିକ ଏବଂ ପ୍ରସ୍ତରୀଭୂତ ଆତ୍ମିକକୁ ନେଇ କବିତା ପାଇଁ ସ୍ଥିରୀକୃତ ହୋଇଛି ଏହିପରି ଏକ ମୁମୂର୍ଷ ସମ୍ଭାର ମଲାଟ ଆଉ ମଲା ନଇର ମର୍ମନ୍ତୁଦ ଜୀବନ କାବ୍ୟସଂଳାପ ।

ଜ୍ଞାନଯୁଗ ପବ୍ଲିକେଶନ୍, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ଏହି ମନୋଜ୍ଞ ତଥା ସମୟ ଉପଯୋଗୀ କବିତା ସଂକଳନଟିକୁ ପାଠକାର୍ପିତ କରିବା ଅବସରରେ ମାନବବାଦୀ କବି ଶ୍ରୀଯୁକ୍ତ ରତ୍ନାକର ରାଉତ ସ୍ୱକୀୟ ଉତ୍ସର୍ଗ ପତ୍ରରେ ଦାରିଦ୍ର୍ୟ, କ୍ଷୁଧା, ବାସଗୃହ ପରି ମୌଳିକ ସମସ୍ୟା ଭିତରେ ଜିଉଁଥିବା ତୃତୀୟ ବିଶ୍ୱର 'ଅସୁମାରୀ ପୀଡ଼ିତ ଆତ୍ମା' ଉଦ୍ଦେଶ୍ୟରେ ଗ୍ରନ୍ଥଟିକୁ ଅର୍ପଣ କଲାବେଳେ ସେମାନଙ୍କର କର୍ଣ୍ଣରୋଧ ଅବସ୍ଥାକୁ ଲେଖକୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଛନ୍ତି ଏହିପରି । ଯଥା- "ସେ ଭାବୁଛି ଜୀବନମାନେ କ'ଣ ଦଉଡ଼ ? ସକାଳୁ ଉଠି ରାତି ଅଧଯାଏଁ କ୍ରୀତଦାସର ଜୀବନ ଜିଇଁବା +++ ସେ କଣ ବୋକା ? ମୂଳରୁ ବିନ୍ଦୁ କି ବିସର୍ଗ ବୁଝିପାରେ ନାହିଁ, ବୁଦ୍ଧୁ । କାରଣ ତାକୁ କିଛି ଛନ୍ଦ, କପଟ, ଫେଂଚ ଜଣାନାହିଁ ।"

ପିଞ୍ଜରାରେ ଲୌହ ବାଡ଼, ପାଦରେ ଶିକୁଳି, ମୁହଁରେ ତୁଣ୍ଡି । କବି ଶ୍ରୀଯୁକ୍ତ ରାଉତ ଜଣେ ସାମାଜିକ ପ୍ରାଣୀ ଭାବରେ ସ୍ୱକୀୟ ଶାବ୍ଦିକ ଉପସ୍ଥିତି ଏବଂ ଅସ୍ତିତ୍ୱକୁ ବନ୍ଧନ, ଶୃଙ୍ଖଳା ଓ ପ୍ରଚଳିତ ସାମାଜିକ ରୀତିନୀତିକୁ ଅତିକ୍ରମ କରି ତୃତୀୟ ବିଶ୍ୱର ଦୁଃଖୀ କୁଟୀରରେ ଉପନୀତ । ସେ କହିଛନ୍ତି- କାହିଁକି ସେ ଆଜୀବନ ତଥାକଥିତ ଶୃଙ୍ଖଳାରେ ରହି ମାନୁଥିବ ଅନ୍ୟର ଆଦେଶ ଓ ଅନୁଶାସନ? ସେ ମଧ ପ୍ରକୃତିର ଏକ ଉପାଦାନ । ସେ ତ କେଉଁ କୃତ୍ରିମ ଶୃଙ୍ଖଳାର ଅଧୀନ ନୁହେଁ ଯେ ଆବଦ୍ଧ ହୋଇ ରହିବ କେଉଁ ବନ୍ଧନରେ । କାହିଁକି ସେ ଜିଇଁବ ନାହିଁ ଏକ ସ୍ୱାଧୀନ ମୁକ୍ତ ଜୀବନ ଏବଂ ନିଜର ଆନନ୍ଦ ଓ ଫୂର୍ତ୍ତି ପାଇଁ ଆଦରି ନେଇ ପାରିବ ନାହିଁ ସ୍ୱାଧୀନ ବିହାର ଓ ବିଚରଣ?"

ସଂକଳନଟିରେ ସୂଚୀଭୁକ୍ତ ହୋଇଛି ୩୭ଟି ଦୀର୍ଘବର୍ଣ୍ଣନା ଧର୍ମୀ ଗଦ୍ୟ କବିତା । କବି ଶ୍ରୀଯୁକ୍ତ ରତ୍ନାକର ରାଉତଙ୍କର ବିଶ୍ଳେଷଣାତ୍ମକ ସାମାଜିକ କାବ୍ୟଭୂମିର ପ୍ରତିନିଧିତ୍ୱ କରୁଥିବା ଚରିତ୍ରଟିର ନାମ ନନ୍ଦଦାସ । ତେବେ ସେ ଗୋପନଗରର ମୁଖ୍ୟ ରାଜା ନନ୍ଦ ନୁହେଁ । ଜଗତୀକରଣର ବିଚାର, ନିଷ୍କର୍ଷ ଏବଂ ପ୍ରଭାବ ଠାରୁ ବହୁଦୂରରେ ଅବାଂଛିତ ଜୀବନ ଜୀଇଁଥିବା ଆଉଜଣେ ତୃତୀୟ ବିଶ୍ୱର ତ୍ରସ୍ତ ତଟସ୍ଥ ନାଗରିକ । ନନ୍ଦଦାସ ଚରିତ୍ରକୁ ନେଇ କବି ସ୍ୱକୀୟ କବିତା ମାନଙ୍କରେ ସ୍ଖଳିତ ସମାଜର ଦୃଶ୍ୟାବଳୀ ଅବତାରଣା କଲାବେଳେ ତରୁଣ ଦାସ, ସୁକାନ୍ତି କାଣ୍ଡି, ନାୟକ ସାହିର ନିତିଆ, ରାଜିଆ ଓରଫ ରାଜେନ୍ଦ୍ର ସାହୁ, ଗୁମାନୀ ମାଝୀ ଭଳି ଚରିତ୍ରମାନଙ୍କୁ ମଧ କବିତାର ପ୍ରସଙ୍ଗ ବନାଇବାରେ ଭୁଲି ନାହାନ୍ତି । ସେ ଭାରତବର୍ଷର ମ୍ଳାନ ମାନଚିତ୍ର ଭିତରେ 'ନନ୍ଦଦାସ' ନାମକ କିଂକର୍ତ୍ତବ୍ୟବିମୂଢ଼ ମଣିଷଟିକୁ ଆବିଷ୍କାର କରି ତା'ର ସ୍ଥିତିକୁ ଦର୍ଶାଉଛନ୍ତି ଏହିପରି । ଯଥା- "ମୁଁ ନନ୍ଦଦାସ/ ଜଣେ ନାଗରିକ, ସାବାଳକ/ ମୋ' ଦେଶର ନାମ ଭାରତବର୍ଷ/ ମୁଁ ଦେଖୁଛି, ସରସ, ସୁନ୍ଦର, ଅନନ୍ୟ ମୋ' ଦେଶ/ କୁଟିଳ ଚକ୍ରାନ୍ତର ଶିକାର ହୋଇ/ ପଡ଼ିଛି ମୁଢ଼ବତ୍ + + + + + ।"

ଶ୍ରୀଯୁକ୍ତ ରାଉତଙ୍କର ଦୀର୍ଘ କବିତାରେ ଦ୍ରାଘିମାରେ ଶୂନରୁ ଶହେ ଅଶୀ, ସବୁଠି ଏକ ମୁମୂର୍ଷୁ ମୁରବୀପଣ, ପାରସ୍ପରିକତାହୀନ ଏକ ବିବର୍ଣ୍ଣ ମାନବ ଗୋଷ୍ଠୀର ବିକଳ ଦୃଶ୍ୟଚିତ୍ର । ଗଣଚେତନାର କବିତାରେ ତାଙ୍କର କାବ୍ୟପଥ ବିସ୍ତାର ଲାଭ କରିଥିଲେ ବି ଶିଳ୍ପସମୃଦ୍ଧ ତଥାକଥିତ ସଭ୍ୟଗୋଷ୍ଠୀ ପ୍ରତି ତାଙ୍କର ନିର୍ମମ ଉପହାସ କବିତାର ପ୍ରତ୍ୟେକ ସମାପନରେ ସୃଷ୍ଟି କରିଛି ନୀରବ ପଦସଂଚାରର ମନନଶୀଳ ଦିଗ ।

ଯୁଗବୋଧ, ଯୁଗ ଯନ୍ତଣା ଏବଂ ଯୁଗ ନିର୍ମାଣକୁ ନେଇ କବି ବିଶ୍ୱସ୍ତ ଏବଂ ଅଙ୍ଗୀକାର ହେଲାବେଳେ କବିଙ୍କର ନନ୍ଦଦାସ ଚରିତ୍ର ଭ୍ରାନ୍ତି ଭିତରେ କ୍ରାନ୍ତି ଖୋଜୁଛି ଏବଂ 'ଭେଦ'ର ଭୁଲ୍‌ଭୁଲେୟା ଭିତରେ ଭୀତତ୍ରସ୍ତ ହୋଇ ପ୍ରଶ୍ନ କରିଛି- "ହଇହୋ ନନ୍ଦେ! ତୁ ଶିକାର ହେଉଥିବା ମାଛ/ ନା ଆଧାର ହେଉଥିବା ଜିଆ, ତୁ କଣ (କବିତା- ଜିଆ, ପୃ-୧୩୨) କବିଙ୍କର ତୁ କ'ଣ ପ୍ରଶ୍ନ ସହାବସ୍ଥାନହୀନ ଖାଲ ଢିପର ପୃଥିବୀକୁ ମାଗିଛି ଆଉ ଏକ ସହାବସ୍ଥାନ ଯୋଗ୍ୟ ସମତାର ସମତଳ କ୍ଷେତ୍ର ।

ବିଶ୍ୱାସ, ମୁଚାଲିକା, ଅଜା ଉବାଚ, ଶୂନ୍ୟ ସଂଳାପ, ନନ୍ଦଦାସ ଓ ଜୁଆଳି, ଗଛ କଣ ସତରେ ଏମିତି କଥା କହେ, ଧର୍ମସଂକଟ ଶୀର୍ଷକ ଅନେକ କବିତାର ପ୍ରସଙ୍ଗ ଭିନ୍ନ । କିନ୍ତୁ ଆଭିମୁଖ୍ୟ ଏକ ।

ତାହା ହେଉଛି ଦ୍ୱନ୍ଦ୍ୱ, ଅବିଶ୍ୱାସ, ଅସୂୟା ରହିତ ଏକ ସୁନ୍ଦର ବିଶ୍ୱ ନିର୍ମାଣ । କବି ସ୍ୱକୀୟ ଲେଖକୀୟ ଅଭିବ୍ୟକ୍ତିର ଶେଷରେ କହିଛନ୍ତି- 'ଆସନ୍ତୁ ଜାଣିବା ଏଇ ଆମ ସଭିଙ୍କ ଗହଣରେ ଜିଉଁଥିବା ସେ ଚରିତ୍ରଟି କିଏ, ଯାହା ପାଇଁ ଏତେ ଉଚ୍ଚାଟନ, ଏତେ ଦରଦ, ଏତେ ପୀଡ଼ା ।' ଶୁଣିବା ତା' ଜୀବନର ଅଙ୍ଗେନିଭା କଥା ଓ କବିତା ଏବଂ ଭେଦିବା ସେହି ସବୁ କଥା ଓ କବିତା ଭିତରେ ପୂରିରହିଥିବା ଅନେକ ଅନେକ ଭେଦ ।" ସେହି ଭେଦକୁ ଖୋଲିବା ପାଇଁ ବିଶ୍ୱର ସମସ୍ତ ତତ୍ତ୍ୱ, ଦର୍ଶନ ଏବଂ ବାଦବିବାଦହୀନ ଭାବରେ କବିତାରେ ସାମାଜିକ ଦାୟିତ୍ୱଶୀଳତାକୁ ସ୍ୱୀକାର କରିଆସିଛନ୍ତି । ସମସାମୟିକ ବିଶ୍ୱ ଦୃଷ୍ଟିକୋଣ ଏବଂ ବିଶ୍ୱକାବ୍ୟ ଭାବଧାରା ମଧ ଅବହେଳିତ ମାନବଗୋଷ୍ଠୀ ପାଇଁ ସମସ୍ୱର ଏବଂ ତାନରେ 'ବିଶ୍ୱମୈତ୍ରୀର ସଂଗୀତ ଗାଇ ସାରିଲେ ବୈଚିତ୍ରମୟ ବିବିଧବସ୍ତୁ, ବୋଧ, ଦୃଶ୍ୟ ଏବଂ ବ୍ୟକ୍ତିତ୍ୱରେ ପୁରିତ ସମଗ୍ର ସଂସାର ଭିତରେ 'ଭେଦ' ସ୍ଥିତିକୁ ଦେବ ଅଭେଦର ରୂପ ଓ ପରିଣତି । ନିର୍ବାକ୍ ଓଠ ଏବଂ ନିଷ୍ପନ୍ଦ ଛାତିତଳର ହଜାର ହଜାର ରୁଦ୍ଧ ବାକ୍ୟ ଏବଂ ଶୋକକୁ ଶବ୍ଦରେ ରୂପ ଦେଇ ପାରୁଥିବା କବି ହିଁ ମର୍ଜି ଏବଂ ମଗଜର କସରତ୍ ଅପେକ୍ଷା ମୀମାଂଶା ପାଇଁ ଖୋଜେ ବିକଳ୍ପ ବିଚାର । କବି ଶ୍ରୀଯୁକ୍ତ ରାଉତଙ୍କ କବିତାରେ 'ଭେଦ' ଶବ୍ଦର ଅର୍ଥ ହୋଇପାରେ ଗୁମର । ହୋଇପାରେ ତାହା ବିଚ୍ଛିନ୍ନତାର ଜଟିଳ ଅନ୍ତର । କିନ୍ତୁ ସେ 'ଗୁମର' ଫିଟିଲେ ହିଁ ଜୀବନ ହେବ ପବନ ପରି ମୁକ୍ତ, ଜଳ ପରି ସ୍ୱଚ୍ଛ ଏବଂ ଆଲୋକ କରି ଜ୍ୟୋତିଷ୍ମାନ୍ ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ
ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ସାଲନ୍ଦୀ ନଦୀର ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କଲେ ଜଳମାନବ ଡ. ରାଜେନ୍ଦ୍ର ସିଂହ




ଭଦ୍ରକ,୧୩/୦୩ (ନି.ପ୍ର): ଭଦ୍ରକର ଜୀବନରେଖା କୁହାଯାଉଥିବା ସାଲନ୍ଦୀ ନଦୀ ଆଜି ଆଇସିୟୁରେ କୋମା ଅବସ୍ଥାରେ ଶୋଇଛି। ଏହାକୁ ସୁସ୍ଥ କରିବାକୁ ହେଲେ ଏହାର ପ୍ରତ୍ୟେକ ପୁଅଝିଅ ଅପରିଷ୍କାର ପାଣିକୁ ତାହା ବକ୍ଷକୁ ନଛାଡିଲେ ହିଁ ସେ ପୁର୍ନଜୀବନ ପାଇବ ବୋଲି ଆଜି ସାଲନ୍ଦୀ ବିକାଶ ମଂଚ ପକ୍ଷରୁ ସ୍ଥାନୀୟ ଜଳସେଚନ ଡାକବଙ୍ଗଳା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତର ଜଳମାନବ ଭାବେ ପରିଚିତ ଡ. ରାଜେନ୍ଦ୍ର ସିଂହ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ସାଲନ୍ଦୀ ବିକାଶ ମଂଚର ସଭାପତି ପ୍ରଫେସର ଡ. ବଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଡ. ସିଂହ ସାଲନ୍ଦୀ ନଦୀର ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଏବଂ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ସେ ଏହି ନଦୀର ଦୂରାବସ୍ଥା ନେଇ ଆଗରପଡା ଅଂଚଳ ଗସ୍ତ କରି ସେଠାରେ ଯେଭଳି ଭାବେ ବାଲି ଓ ଇଟା ମାଫିଆଙ୍କ ରାଜ୍ ଚାଲିଛି, ତାହାକୁ ଘୋର ବିରୋଧ କରିବା ସହ ମାଫିଆମାନଙ୍କର ପାଦ ନାହିଁ କେବଳ ଖପୁଡି ଅଛି । ତେଣୁ ସେମାନଙ୍କୁ ଭୟ ନକରି ଲୋକଙ୍କୁ ସଚେତନ କରାଇଲେ ସମସ୍ତଙ୍କର ମା' ସାଲନ୍ଦୀର ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ଏହି ନଦୀକୁ ଚିରସ୍ରୋତା କରିବାକୁ ହେଲେ ବର୍ଷାଜଳକୁ ଭୂତଳରେ ଗଚ୍ଛିତ କରି ଯେଉଁ ୮୫ ପ୍ରତିଶତ ନଦୀଜଳ କୃଷିକାର୍ଯ୍ୟରେ ବିନିଯୋଗ ହେଉଛି, ତାହାକୁ ହ୍ରାସ କରିପାରିଲେ, ତାହା ସ୍ୱତଃ ବୃଦ୍ଧି ପାଇବ ବୋଲି ସେ ଆଲୋଚନା କାଳରେ କହିଥିଲେ। ଏ ଦିଗରେ ସାଲନ୍ଦୀ ବିକାଶ ମଂଚ ଯେଉଁଭଳି ଭାବେ ଛୋଟ ଛୋଟ ଆନ୍ଦୋଳନ କରିଆରେ ସଂଗ୍ରାମ ଆରମ୍ଭ କରିଛି, ତାହା ନିଶ୍ଚିତ ଭାବେ ଏକ ବୃହତ୍ ଜନ ଆନ୍ଦୋଳନରେ ପରିଣତ ହୋଇ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଦେଇ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ଆଶାପୋଷଣ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ତଥା ସାଲନ୍ଦୀ ସୁରକ୍ଷା ମଂଚର ଉପଦେଷ୍ଟା ସୁଦର୍ଶନ ଦାସ ଯୋଗଦେଇ ମହାନଦୀର ସୁରକ୍ଷାକୁ ନେଇ ଟ୍ରିବ୍ୟୁନାଲରେ ଆଜି ଯେଉଁ ରାୟ ପ୍ରକାଶ ପାଇବାର ଥିଲା, ତାହା ପୁଣିଥରେ ବିଫଳ ହୋଇଥିବାରୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟକୁ ଜନସାଧାରଣ ନ୍ୟାୟ ପାଇଁ ଯିବେ ବୋଲି ସଂକେତ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପୁଣି ଉପରମୁହାଁ ହେଉଛି....

୨୪ ଘଂଟାରେ ୨୪,୮୮୨ ନୂଆ କରୋନା ଆକ୍ରାନ୍ତ । ୮୩ ଦିନରେ ସର୍ବାଧିକ ଦୈନିକ ସଂକ୍ରମଣ । ଦିନକରେ ଯେତିକି ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ତାହା ଚଳିତ ବର୍ଷର ସର୍ବାଧିକ ଦୈନିକ ସଂକ୍ରମଣ । ଡିସେମ୍ବର ୨୦ ତାରିଖରେ ୨୬,୬୨୪ ସଂକ୍ରମଣ ସାମ୍ନାକୁ ଆସିଥିଲା । ଗତ ୫ ଦିନର ସଂକ୍ରମଣ ଉପରେ ନଜର ପକାନ୍ତୁ । ପ୍ରତିଦିନ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଦିନକୁ ଦିନ ଉପରମୁହାଁ ହେଉଛି କରୋନା ମିଟର । କିଛିଦିନ ହେଲା ଲଗାତର ବଢିଚାଲିଛି କରୋନା ସଂକ୍ରମଣ । ଏଥିସହ ସାରା ଦେଶରେ ବର୍ତମାନ କରୋନା ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ଟପିଛି । ନଜର ପକାନ୍ତୁ ଦେଶର କରୋନା ମିଟର ଉପରେ ୨୬ ଡିସେମ୍ବର – ୨୬,୬୨୪, ୧୩ ମାର୍ଚ୍ଚ – ୨୪,୮୮୨, ୧୨ ମାର୍ଚ୍ଚ – ୨୩,୨୮୫, ୧୧ ମାର୍ଚ୍ଚ – ୧୯,୨୯୮, ୧୦ ମାର୍ଚ୍ଚ – ୧୮,୩୩୭, ୯ ମାର୍ଚ୍ଚ – ୧୭,୫୯୯ ଗତ ୨୪ ଘଣ୍ଟାରେ ଦେଶରେ ଯେତିକି ନୂଆ ପଜିଟିଭ୍ ମାମଲା ସାମନାକୁ ଆସିଛି, ତା'ର ୬୩ ପ୍ରତିଶତ ମାମଲା ଆସିଛି କେବଳ ମହାରାଷ୍ଟ୍ରରୁ । ନାଗପୁର ସହରର ସ୍ଥିତି ଅଧିକ ଚିନ୍ତାଜନକ ହୋଇଛି । ଦେଶର ପ୍ରଥମ ସହର ଭାବେ ଥରେ ଲକଡାଉନ୍ ହଟିବା ପରେ ପୁଣିଥରେ ଲାଗିବାକୁ ଯାଉଛି ଲକଡାଉନ । ସେହିପରି ନାଗପୁର ସହରରେ ସୋମବାରଠାରୁ ସପ୍ତାହ ବ୍ୟାପୀ ଲକଡାଉନ ଲାଗୁ ହେବାକୁ ଯାଉଥିବା ବେଳେ ମଦଦୋକନ ଠାରୁ ଆରମ୍ଭ କରି ଦୋକାନ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ମାର୍ଚ୍ଚ ୧୫ ଠାରୁ ଜରୁରୀ ସାମଗ୍ରୀକୁ ଛାଡିଦେଲେ ଆଉ କିଛି ଦୋକାନ ଖୋଲା ରହିବ ନାହିଁ । କେବଳ ଔଷଧ, ପନିପରିବା, ଫଳ ଓ କ୍ଷୀର ଦୋକାନ ଖୋଲା ରହିବ । ଲୋକଙ୍କ ବେପରୁଆ ଆଚରଣ ଯୋଗୁଁ ଲକଡାଉନ କଟକଣା ଲାଗୁ କରିବାକୁ ବାଧ ହୋଇଛନ୍ତି ରାଜ୍ୟ ସରକାର । ନଜର ପକାନ୍ତୁ ମହାରାଷ୍ଟ୍ରର କରୋନା ସ୍ଥିତି ଉପରେ ୨୪ ଘଂଟାରେ ମହାରାଷ୍ଟ୍ରରେ ୧୫,୮୨୩ ନୂଆ ମାମଲା ଚିହ୍ନଟ, ନାଗପୁରରେ ମାର୍ଚ୍ଚ ୧୫ରୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଲକଡାଉନ୍, ପୁନେରେ ରାତି ୧୧ରୁ ସକାଳ ୬ଟା ନାଇଟ୍ କର୍ଫ୍ୟୁ,ଅକୋଲାରେ ଶୁକ୍ରବାର ସଂଧ୍ୟା ୮ଟାରୁ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଲକଡାଉନ୍,ମାର୍ଚ୍ଚ ୧୨ରୁ ୨୨ ପର୍ଯ୍ୟନ୍ତ ପାନଭେଲରେ ନାଇଟ କର୍ଫ୍ୟୁ, ସେପଟେ ପଞ୍ଜାବରେ ମଧ କରୋନା ସ୍ଥିତି ଉଦବେଗଜନକ ରହିଛି । ସ୍କୁଲ ଛୁଟି କରାଯାଇଛି । କିଛି ଜିଲ୍ଲାରେ ଲକଡାଉନ, କିଛି ଜିଲ୍ଲାରେ ରାତି କର୍ଫ୍ୟୁ ଆରମ୍ଭ ହୋଇଛି । ନଜର ପକାନ୍ତୁ ପଂଜାବର କରୋନା ସ୍ଥିତି ଉପରେଦିନକରେ ୧୪୦୮ ନୂଆ ସଂକ୍ରମଣ,୯ ଜିଲ୍ଲାରେ ଜାରି ହୋଇଛି ରାତି କର୍ଫ୍ୟୁ,ଲୁଧିଆନା, ପଟିଆଲା, ମୋହାଲି, ଫତେଗଡ ସାହିବ, ଜଳନ୍ଧର, ନୱନ ସହର, କପୁରତାଲା ଓ ହୋସିଆରପୁରରେ ରାତି ୧୧ରୁ ସକାଳ ୫ଟା ଯାଏଁ କର୍ଫ୍ୟୁ, ରାଜ୍ୟରେ ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ଛୁଟି, ଅନ୍ୟପଟେ ଓଡ଼ିଶାରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ବେଳେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ।

### ଗାଡିରୁ ମିଳିଲା ମହିଳାଙ୍କ ମୃତଦେହ ....

ଗାଡ଼ିକୁ ପିଛା କରି ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥର ଯାଁଳା ଫାଣ୍ଡି ଅଂଚଳରେ ଏକ ଚାରିଚକିଆ ଯାନ(ଏକ୍ସୟୁଭି-୫୦୦) ଜବତ କରିଥିଲା । ଜବତ ଗାଡ଼ିକୁ ଯାଁଳା ଫାଣ୍ଡି ପରିସରରେ ପୋଲିସ ହେପାଜତରେ ଛାଡ଼ି ଯାଇଥିଲା । ଦୀର୍ଘ ୨ ବର୍ଷ କାଳ ପଡ଼ିବା ପରେ ଭଡ଼ା ସୂତ୍ରରେ ଲାଗିଥିବା ସମ୍ପୃକ୍ତ ଗାଡ଼ିକୁ ମାଲିକ କୋର୍ଟରୁ ମୁକୁଳାଇବାକୁ ସକ୍ଷମ ହୋଇଥିଲେ । ଗତ ୮ ତାରିଖ ଦିନ ଏହି ଗାଡ଼ି ନେବା ପାଇଁ କୋର୍ଟ ଆଦେଶ ଧରି ସେ ଫାଣ୍ଡିକୁ ଆସିଥିଲେ । ଗାଡ଼ିଟି ଖୋଲା ରହିବା ସହ ପଛରେ ମହିଳାଙ୍କ ଗଳିତ ଶବ ପଡ଼ିଥିବା ଦେଖାଯାଇଥିଲା । ଏ ନେଇ ସେ ପୋଲିସକୁ ଖବର ଦେବା ପରେ ତନାଘନା ହୋଇଥିଲା । ଆଜି ସକାଳେ ଡିସିପି ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କୁ କର୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଥିଲେ।

### ଶିମିଳିପାଳ ଜଙ୍ଗଲ ଅଗ୍ନିକାଣ୍ଡ ....

ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗଣେଷ ରାମ ଖୁଂଟିଆ, ପ୍ରକାଶ ସୋରେନ, ଜୟନ୍ତ ଷଡଙ୍ଗୀ, ଡା.ବୁଧନ ମୁର୍ମୁ, ସନାତନ ବିଜୁଳି, ଡ.ମୁକେଶ ମହାଲିଙ୍ଗ, ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଉପାଧକ୍ଷ ନରେନ୍ଦ୍ର ସାହୁ ପ୍ରମୁଖ ସାମିଲ ଅଛନ୍ତି । ଏହି ପ୍ରତିନିଧି ଦଳ ଆସନ୍ତା କାଲି ଲୁଲୁଙ୍ଗ, ପିଟାବାଟ, ବରେଇପାଣି, ଗୁଡଗୁଡିଆ ବାଟ ଦେଇ ଯଶୀପୁର ଯିବେ । ଏହା ପରେ ଯଶୀପୁରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

### ମାସ୍କ ନପିନ୍ଧିଲେ ବିମାନରୁ ....

ବିମାନ ବନ୍ଦର ଭିତରେ, ଏପରିକି ଯାତ୍ରା କରିବା ବେଳେ ନିୟମ ଉଲ୍ଲଙ୍ଘନ କରି ବିମାନ ଭିତରେ ମାସ୍କ ପିନ୍ଧୁନଥିବା ଦେଖିବାକୁ ମିଳୁଛି । କରୋନା ସଂକ୍ରମଣକୁ ଦୂରେଇ ରଖିବା ପାଇଁ ଠିକ୍ ଭାବରେ ମାସ୍କ ପିନ୍ଧିବା ନିହାତୀ ଜରୁରୀ ବୋଲି ଡିଜିସିଏ କହିଛି । ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା, ପିପିଇ କିଟ୍, ସାନିଟାଇଜର ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ଏୟାରପୋର୍ଟ ଅଧିକାରୀଙ୍କୁ ଚିଠି ଲେଖି ଡିଜିସିଏ କହିଛି ଯଦି କୌଣସି ଯାତ୍ରୀ କୋଭିଡ ନିୟମ ଉଲ୍ଲଙ୍ଘନ କରିବେ ତେବେ ତାଙ୍କୁ ସତର୍କ କରାଯିବ । ଯଦି ବାରମ୍ବାର ସତର୍କ କରାଯିବା ପରେ ବି ଯାତ୍ରୀ ଜଣକ ନିୟମ ନମାନିବେ ତେବେ ତାଙ୍କୁ ବଳପୂର୍ବକ ବିମାନରୁ ଓହ୍ଲାଇ ଦିଆଯିବ ।

## ବିପଦପୂର୍ଣ୍ଣ ବିଇଓ କାର୍ଯ୍ୟାଳୟ : ଛାତରୁ ଖସୁଛି କଂକ୍ରିଟ ପୋଲସ୍ତରା

ଜଳେଶ୍ୱର, ୧୩/୩ (ନିପ୍ର) : ଜଳେଶ୍ୱର ବ୍ଲକ ବିଇଓ କାର୍ଯ୍ୟାଳୟ ଛାତରୁ କଂକ୍ରିଟ ପୋଲଲସ୍ତରା ଖସୁଥିବା ବେଳେ ଛାତର ଲୁହା ରଡ ଗୁଡିକ କଳଙ୍କି ଲାଗିଥିବା ଦେଖିବାକୁ ମିଳୁଛି । ଶିକ୍ଷା ବିଭାଗର ଏହି କାର୍ଯ୍ୟାଳୟକୁ ପ୍ରତିଦିନ ବହୁ ଶିକ୍ଷକ, ଅଭିଭାବକ ଓ କର୍ମଚାରୀ ଆସୁଥିବା ବେଳେ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ଜଳେଶ୍ୱର ଓ ଭୋଗରାଇ ବ୍ଲକକୁ ନେଇ ୧୯୮୨ ମସିହାରେ ଗଠିତ ହୋଇଥିଲା ଡେପୁଟି ଡିଆଇ ଅଫିସ୍ ଭଡାଘରେ ଚାଲିଥିବା ବେଳେ ୧୯୯୫ରେ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ହୋଇଥିଲା । ନିମ୍ନ ମାନର କାର୍ଯ୍ୟ ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା । କିନ୍ତୁ ୨ ବର୍ଷ ଧରି ସେଠାରେଚାଲିଥିବା ବିଇଓ କାର୍ଯ୍ୟାଳୟ ବିପଦପୂର୍ଣ୍ଣ ହୋଇ ଉଠିଛି । ୩ ଏବିଇଓ ବସୁଥିବା ଗୃହର ଛାତ ପୋଲସ୍ତରା ବାରମ୍ବାର ଖସି ପଡୁଛି । ଫଳରେ କଂକ୍ରିଟ ବେଳେ ଲଗା ଯାଇଥିବା କଳଙ୍କି ଲୁହାରଡ ଦେଖା ଯାଉଛି । କେବଳ ଏତିକି ନୁହେଁ, ଉପର ମହାଲାର ଛାତ ନିର୍ମାଣରେ ନିମ୍ନ ମାନର ହୋଇଥିବାରୁ ଏବେ ତାହା ତଳକୁ ଓହଳି ରହିଛି । କେତେବେଳେ ତାହା ଭୁଷୁଡି ପଡିବ ତାହା କହିହେବ ନାହିଁ । ଅନ୍ୟପକ୍ଷରେ ଏହି ସ୍ଥାନଟି ଜଳେଶ୍ୱର ସହରର ଜନଗହଳି ଓ ପ୍ରଧାନ ରାସ୍ତା କଡରେ ହୋଇଥିବାରୁ ପ୍ରବଳ ଭିଡ ଲାଗି ରହୁଛି । ପାର୍କିଂର ସୁବିଧା ନଥିବାରୁ ଶିକ୍ଷକମାନେ ଆସିଲେ ସେମାନଙ୍କ ଯାନଗୁଡିକୁ ରାସ୍ତା ଉପରେ ରଖିବାକୁ ବାଧ୍ୟ ହୋଇଥାନ୍ତି । ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଥାଏ । ତେଣୁ ଏହି କାର୍ଯ୍ୟାଳୟକୁ ସ୍ଥାୟୀଭାବେ ଅନ୍ୟସ୍ଥାନକୁ ସ୍ଥାନାନ୍ତର କରିବାଲାଗି ପ୍ରାଥମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ଗଣଶିକ୍ଷା ସଂଘ ଦାବି କରିଛନ୍ତି ।

## ୫୭୭ କୋଟି ଟଙ୍କାରେ କାର୍ଯ୍ୟକାରୀ ହେବ କର୍କଟ ଚିକିତ୍ସା ଯୋଜନା

ଭୁବନେଶ୍ୱର,୧୩/୦୩ (ନି.ପ୍ର): ରାଜ୍ୟ ସରକାର ରାଜ୍ୟର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ପରବର୍ତୀ ସ୍ତରକୁ ନେବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶା କର୍କଟ ଚିକିତ୍ସା ଯୋଜନା କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏହି ଅଭିଯାନରେ ପ୍ରାୟ ୫୭୭ କୋଟି ଟଙ୍କା ବିନିଯୋଗ ହେବ ଏବଂ ସମଗ୍ର ରାଜ୍ୟରେ ଉଚ୍ଚସ୍ତରୀୟ କର୍କଟ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

## ପିପିଲି ଲୋକେ ମହାରଥୀଙ୍କ ପରିବାରକୁ ଚାହୁଁଛନ୍ତି : ସମୀର ଦାଶ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ପିପିଲି ନିର୍ବାଚନମଣ୍ଡଳୀର ଲୋକେ ମହାରଥୀଙ୍କ ପରିବାରକୁ ଚାହୁଁଛନ୍ତି । ତେଣୁ ମହାରଥୀଙ୍କ ପରିବାରରୁ ଜଣକୁ ଟିକେଟ ମିଳୁ ବୋଲି ନିମାପଡ଼ା ବିଧାୟକ ତଥା ମନ୍ତ୍ରୀ ସମୀର ଦାଶ ଶନିବାର ଗଣମାଧମକୁ କହିଛନ୍ତି । ପାଖ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ମୁଁ ବୁଲାବୁଲି କରୁଛି । ପିପିଲି ଲୋକଙ୍କ ଇଛା ମହାରଥୀଙ୍କ ପରିବାରରୁ କେହି ପ୍ରାର୍ଥୀ ହେଉ । ପିପିଲିର ଲୋକ ମହାରଥୀଙ୍କ ଅନୁପସ୍ଥିତିକୁ ହୃଦୟଙ୍ଗମ କରିଛନ୍ତି । ତେବେ ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନିଷ୍ପତି ନେବେ ବୋଲି ସେ କହିଛନ୍ତି। ବିଜେଡି ଗଡ ଭାବେ ପରିଚିତ ପିପିଲିକୁ ଏଥର ମଧ୍ୟ ନିଜ ଅକ୍ତିଆରରେ ରଖିବାକୁ ଉଦ୍ୟମ କରିବ ଦଳ। ୨୦୦୦ ମସିହା ପରଠାରୁ ପ୍ରଦୀପ ମହାରଥୀ ବିଜେଡି ଟିକଟରେ ଲଗାତର ଭାବେ ପିପିଲିରୁ ନିର୍ବାଚିତ ହୋଇ ଆସିଥିଲେ। ପିପିଲି ବିଧାନସଭା କ୍ଷେତ୍ରରୁ ୭ଥର ନିର୍ବାଚିତ ହେବା ସହ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନପାଇ ଆସିଥିବା ପ୍ରଦୀପ ମହାରଥୀ ନିଜ ନିର୍ବାଚନ ମଣ୍ଡଳୀରେ ଦବ୍‌ଦବା ଜାହିର କରିଆସୁଥିଲେ ।

## ଏଥର ପୁରୀରେ ସ୍ୱେରେଜ ଓ ଡ୍ରେନେଜ ସଫା କରିବ ରୋବର୍ଟ

ପୁରୀ,୧୩/୦୩ (ନି.ପ୍ର) : ପୁରୀ ସହରର ଅଳିଆ ଆବର୍ଜନା ସଫା କରିବା ପାଇଁ ବିଶ୍ୱସ୍ତରୀୟ ରୋବର୍ଟ ନିୟୋଜିତ ହୋଇଛି । ବଡଦାଣ୍ଡ ସେବା ଅବସରରେ ଏହାକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ରୋବର୍ଟ ଡ୍ରେନ ଭିତରେ ଓ ସ୍ୱେରେଜ ନଳା ଭିତରେ ପଶି ଅଳିଆ ଆବର୍ଜନ ସଫା କରିବ । ଲୋକମାନେ ପଶି ସଫା କରିବାରେ ବିଭିନ୍ନ ବିପଦପୂର୍ଣ୍ଣ ଘଟଣା ଘଟୁଥିବାରୁ ରୋବର୍ଟ ସେହିକାମ ଏବେ କରିବ । ସ୍ୱଚ୍ଛ କର୍ମଚାରୀମାନେ ରୋବର୍ଟ ଚଳାଇବା ପାଇଁ ପ୍ରଶିକ୍ଷଣ ନେବେ । ଭାରତର ୧୪ତମ ରାଜ୍ୟଭାବେ ଓଡିଶାରେ ଏହି ସେବା ଆରମ୍ଭ ହୋଇଛି । ସ୍ୱଚ୍ଛଭାରତ ଅଭିଯାନରେ ଭାରତୀୟ ରୋବେଟିକ୍ କମ୍ପାନୀ ଜେନ ରୋବେଟିକ୍ସ ପକ୍ଷରୁ ଏହି ରୋବର୍ଟ ଯୋଗାଇ ଦିଆଯାଉଛି । ସ୍ୱଚ୍ଛ କର୍ମଚାରୀଙ୍କ ଜୀବନ ରକ୍ଷା କରିବାରେ ଏହା ସହାୟକ ହୋଇଛି ।

## ହଷ୍ଟେଲ ଫି ଛାଡ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଏଓବିଏସଓ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ବୈଷୟିକ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କର ହଷ୍ଟେଲ୍ ଫିସ୍ ଛାଡ଼କୁ ସ୍ୱାଗତ କରି ଅଲ୍ ଓଡିଶା ବିପିୟୁଟି ଷ୍ଟୁଡେଂଟ ଅର୍ଗାନାଇଜେସନ(ଏଓବିଏସ୍ଓ) ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି । ସୂଚନାଯୋଗ୍ୟ ଯେ, କରୋନା ମହାମାରୀ ଯୋଗୁ ଏପ୍ରିଲ୍ ୨୦୨୦ ଠାରୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଛାତ୍ରଛାତ୍ରୀମାନେ ହଷ୍ଟେଲର ସୁବିଧା ଉପଯୋଗ କରିନଥିଲେ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧୟନରତ ୧୭୦୧୨ ଛାତ୍ରଛାତ୍ରୀମାନଙ୍କର ହଷ୍ଟେଲ୍ ଫିସ୍ ଆନୁମାନିକ ୫କୋଟି ୧୦ଲକ୍ଷ ଟଙ୍କା ଛାଡ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଏହି ସ୍ୱାଗତଯୋଗ୍ୟ ପଦକ୍ଷପ ପାଇଁ ଅଲ୍ ଓଡିଶା ବିପିୟୁଟି ଷ୍ଟୁଡେଂଟ ଅର୍ଗାନାଇଜେସନ (ଏଓବିଏସ୍ଓ) ତରଫରୁ ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ଠାରେ ସଂଘର ଶତାଧିକ କର୍ମକର୍ତା ଦେଖାକରି ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତିକୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜଣାଇଛନ୍ତି । ଏଓଡିଏସ୍ଓର ମୁଖ୍ୟ ସଂଗଠକ ଅନନ୍ତ ନାରାୟଣ ଜେନା ଓ ଏଓବିଏସଓର ମୁଖ୍ୟ ସଂଗଠକ ପବନ ସ୍ୱାଇଁଙ୍କ ନେତୃତ୍ୱରେ ସ୍ମୃତିରାଜ୍ ମହାନ୍ତି, ଶୁଭମ୍ ସ୍ୱାଇଁ, ନିତିଶ୍, ଅର୍‌ବିନ୍ଦ, ହିରକଜ୍ୟୋତି, ସୌମ୍ୟ, ରାମ, ଜ୍ଞାନ, ଅଭିସେକ୍, ଶୁଭ୍ରାଂଶୁ, ରୋମିଓ, ଶିବ, ସବ୍ୟଜ୍ୟୋତି ଆଦି ଉପସ୍ଥିତ ଥିଲେ ।

## ଇନ୍ଦ୍ରଗୋବିନ୍ଦ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ବିଷୟ ଭିତ୍ତିକ ପାଠ୍ୟ କର୍ମଶାଳା




ଧାମନଗର,୧୩/୦୩ (ନି.ପ୍ର): ଧାମନଗର ବ୍ଲକ ଚୁଡ଼ାକୁଟି ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରଗୋବିନ୍ଦ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ବିଷୟ ଭିତ୍ତିକ ପାଠ୍ୟ କର୍ମଶାଳା ଇନ୍ଦ୍ରମଣୀ ସଂଯୁକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୋଭିଡ଼ କଟକଣାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶେଖର ଜେନାଙ୍କ ଅଧକ୍ଷତା କରିଥିବାବେଳେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଠନ କରିଥିଲେ । ଏଥିରେ ମୁଖ୍ୟ ବକ୍ତାଭାବେ ଭଣ୍ଡାରିପୋଖରୀ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ଅନିଲ କୁମାର ବଳ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପ୍ରଶାନ୍ତ କୁମାର ବେହେରା, କର୍ମଶାଳାକୁ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ପଡ଼ୋଶୀ ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ପାଇଥିବା ଅନିଲ କୁମାର ବଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଶିକ୍ଷକ ଶଶିଭୁଷଣ ସେଠୀ, କୃଷ୍ଣଚନ୍ଦ୍ର ବେହେରା, ପ୍ରଭାତ କୁମାର ଜେନା, ବଳରାମ ମୁଖି, ଖଗେଶ୍ୱର ସାମଲ ପ୍ରମୁଖ ଯୋଗଦେଇଥିଲେ । ସେହିପରି ତାଳପଦା ଆଞ୍ଚଳିକ ସାଧନକେନ୍ଦ୍ର ପରିସରରେ ୧୦ଦିନିଆ ପାଠ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ସାଧନାକେନ୍ଦ୍ରର ସଂଯୋଜକ ଅଶୋକ କୁମାର ନାୟକଙ୍କ ତତ୍ୱାବଧାନରେ ଏବିଓ ଶ୍ରୀଚରଣ ମଲ୍ଲିକ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ, ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ ।

## ଶିମିଳିପାଳ ଜଙ୍ଗଲରେ ନିଆଁ ଆୟତ୍ତ : ଫରେଷ୍ଟ ଫାୟାର ଟାସ୍କ ଫୋର୍ସ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ନ୍ୟାସ୍‌ନାଲ୍ ରିମୋଟ୍ ସେନ୍ସିଂ ସେଂଟର(ଏନଆରଏସସି), ହାଇଦ୍ରାବାଦର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଜଙ୍ଗଲରେ ନିଆଁ ସମ୍ପୂର୍ଣ୍ଣ ହ୍ରାସ ପାଇଛି । ଏଫଏସଆଇ ଦେହରାଡୁନ୍, ସୂଚନା ଅନୁଯାୟୀ ଶନିବାର ରାଜ୍ୟର ୩୪୧ଟି ଜଙ୍ଗଲ ଅଗ୍ନି ସତର୍କ ସୂଚନା ରହିଛି । ଗତକାଲି ୭୦୧ଟି ଜଙ୍ଗଲ ଆଲର୍ଟ ଥିଲା । ଶିମିଳିପାଳରେ କେବଳ ୪ଟି ଫାୟାର ଆଲର୍ଟ ରହିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ସୂଚନା ଦିଆଯାଇଛି । ଏଯାବତ୍ ପ୍ରାପ୍ତ ଅଗ୍ନି ପଏଂଟ୍ ଗୁଡ଼ିକର ପ୍ରାୟ ୯୫% କ୍ଷେତ୍ରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଏଫଏସଆଇ ଆଲର୍ଟ ସୂଚନା ଅନୁଯାୟୀ, ବର୍ତମାନ ସୁଦ୍ଧା ରାଜ୍ୟର ପ୍ରାୟତଃ କୌଣସି ଅଗ୍ନି ପଏଂଟ୍‌ଗୁଡ଼ିକର କ୍ରମାଗତ ଅଗ୍ନି ନାହିଁ । ଜିଲ୍ଲାପାଳ, ଏସପି, ଉପ ଜିଲ୍ଲାପାଳ, ତହସିଲଦାର, ଜଙ୍ଗଲ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ସହିତ ୨୪ ଘଂଟିଆ ଅଗ୍ନି ହ୍ରାସ କରିବାରେ ଓ କ୍ଷୟକ୍ଷତିର ଆକଳନ କରିବାରେ ସାହାଯ୍ୟ କରୁଛନ୍ତି । ରାତ୍ରି ପାଟ୍ରୋଲିଂ ସମେତ ଅନ୍ୟ ସମସ୍ତ ପାଟ୍ରୋଲିଂକୁ ଦୃଢ଼ୀଭୂତ କରାଯାଇଛି ଏବଂ ଏହାକୁ ପିସିସିଏଫ୍ ଙ୍କ କାର୍ଯ୍ୟାଳୟର ଓଡ଼ିଶା ଫରେଷ୍ଟ ମ୍ୟାନେଜମେଂଟ୍ ସିଷ୍ଟମ ମାଧମରେ ପର୍ଯ୍ୟବେକ୍ଷଣ କରାଯାଉଛି । ଉପଗ୍ରହ ଭିତିକ ଜଙ୍ଗଲ ଅଗ୍ନି ଆଲର୍ଟ ପଏଂଟ୍, ତଥ୍ୟ ବ୍ୟବହାର କରି ଏଫଏସଆଇ ଦେହରାଡୁନ୍‌ରୁ ପ୍ରାପ୍ତ ବନାଗ୍ନି ସ୍ଥିତି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଏସଏମଏସ୍ ଜରିଆରେ ତଥା ହ୍ୱାଟସଆପ୍ ମାଧମରେ କ୍ଷେତ୍ରୀୟ କର୍ମଚାରୀଙ୍କ ପଂଜୀକୃତ ମୋବାଇଲ୍‌କୁ ଏବଂ ଇମେଲ୍‌ରେ ବନଖଣ୍ଡ କାର୍ଯ୍ୟାଳୟକୁ ତୁରନ୍ତ ପ୍ରେରଣ କରାଯାଉଅଛି । ବନ କର୍ମଚାରୀମାନେ ତୁରନ୍ତ ଏହି ପଏଂଟଗୁଡ଼ିକରେ ପହଂଚି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । କ୍ଷେତ୍ର ସ୍ତରରେ ଜଙ୍ଗଲ ଅଗ୍ନି ନିୟନ୍ତ୍ରଣ ନିମନ୍ତେ ବର୍ଦ୍ଧିତ ମାନବ ଶକ୍ତି ଏବଂ ଭିତିଭୂମିର ଦୃଢ଼ୀକରଣ ଫଳପ୍ରଦ ଭାବରେ ବ୍ୟବହୃତ ହେଉଛି । ଅସୁରକ୍ଷିତ ବନାଂଚଳ ଏବଂ ବନାଗ୍ନି ପ୍ରାବଲ୍ୟ ସ୍ଥାନ ଗୁଡ଼ିକର ସୁରକ୍ଷା ନିମନ୍ତେ ଅଧିକ ଅଗ୍ନି ସଚେତନତା, ଅଗ୍ନି ନୀରିକ୍ଷଣକାରୀ ଦଳ ଏବଂ ଲିଫ୍ ବ୍ଲୋୟର୍ ନିୟୋଜନ କରାଯାଇଅଛି । ଅଗ୍ନି ନିୟନ୍ତ୍ରଣରେ ସକ୍ରିୟ ଭୂମିକା ପାଇଁ ସ୍ଥାନୀୟ କିମ୍ବା ଭିଏସଏସ ସଦସ୍ୟଙ୍କୁ ପ୍ରୋତ୍ସାହନ ପ୍ରଦାନ ଏବଂ ପୁରସ୍କାର ବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକତା ଅନୁଯାୟୀ ଦେୟ ଆଧାରରେ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କୁ ଅଗ୍ନି ନିର୍ବାପକ କାର୍ଯ୍ୟରେ ନିୟୋଜିତ କରିବାକୁ ରାଜ୍ୟ ସରକାର ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଫଟୋ ପ୍ରଦର୍ଶନୀ



ଭୁବନେଶ୍ୱର,୧୩/୦୩ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବର ପ୍ରାକ୍ କାର୍ଯ୍ୟକ୍ରମକୁ ମାର୍ଚ୍ଚ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ଘାଟନ କରିଥିବା ବେଳେ ଆଜି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର ଦେଶର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିବା ଫଟୋ ପ୍ରଦର୍ଶନୀକୁ ଭର୍ଚୁଆଲ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି । ଅମୃତ ମହୋତ୍ସବର ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱର ସମେତ ଦେଶର ୭ଟି ଭିନ୍ନ ଭିନ୍ନ ସ୍ଥାନରେ ଏହି ଫଟୋ ପ୍ରଦର୍ଶନୀ ମାନ ଆୟୋଜନ କରାଯାଇଛି । ଏହି ଅବସରରେ ଶ୍ରୀ ଜାଭଡେକର କହିଥିଲେ ଯେ ଆଜାଦୀ କା ଅମୃତ ମହୋତ୍ସବ ଦେଶର ୭୫ଟି ସ୍ଥାନରେ ଆୟୋଜନ କରାଯାଉଛି । ଆମ ଦେଶକୁ ସ୍ୱାଧୀନତା ଦେଇଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ, ଡ. ଆମ୍ବେଦକର, ଖୁଦିରାମ ବୋଷ, ଭଗତ ସିଂହ, ରାଜଗୁରୁ, ସୁଖଦେବ ପ୍ରମୁଖଙ୍କ ସମେତ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଅମୃତ ମହୋତ୍ସବ ଆୟୋଜନ କରାଯାଉଛି । ଶ୍ରୀ ଜାଭଡେକର ଆହୁରି କହିଥିଲେ ଯେ ଲୋକମାନଙ୍କୁ ସେମାନଙ୍କ ନିଜ ଭାଷାରେ ସ୍ୱାଧୀନତାର ଗାଥା ସମ୍ପର୍କରେ ସଚେତନ କରାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଦିନରେ ଆଜାଦୀ କା ଅମୃତ ମହୋତ୍ସବ ବ୍ୟାପକ ଆକାରରେ ଆୟୋଜନ କରାଯିବ । ଏହି ଫଟୋ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ପରେ ଶ୍ରୀ ଜାଭଡେକର ଟ୍ୱିଟ୍ କରିଥିଲେ ଯେ ସ୍ୱାଧୀନତା ସଂଗ୍ରାମ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ଏବଂ ଆସନ୍ତା ୨୫ ବର୍ଷ ପାଇଁ ଆମର ମାର୍ଗ ନିର୍ଦ୍ଧାରଣ କରିବା ଲାଗି ସାରା ଦେଶରେ ବିଓସିବି ପକ୍ଷରୁ ଏପରି ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଆଜି ମୁଁ ଏହିପରି ୭ଟି ପ୍ରଦର୍ଶନୀ ଉଦ୍ଘାଟନ କରିଛି । ଏହିସବୁ ପ୍ରଦର୍ଶନୀ ବୁଲି ଦେଖିବା ଏବଂ ସ୍ୱାଧୀନତାର ସ୍ମୃତି ସାଥୀରେ ନେଇଯିବାକୁ ମୁଁ ଜନସାଧାରଣଙ୍କୁ ଆହ୍ୱାନ କରୁଛି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆଜି କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ଭୁବନେଶ୍ୱର, ବ୍ୟୁରୋ ଅଫ୍ ଆଉଟ୍ରିଚ୍ କମ୍ୟୁନିକେସନ (ବିଓସି) ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି ଫଟୋ ପ୍ରଦର୍ଶନୀରେ ୧୮୫୭ ଠାରୁ ଆରମ୍ଭ କରି ଦେଶର ସ୍ୱାଧୀନତା ସଂଗ୍ରାମର ଗାଥା ପ୍ରଦର୍ଶିତ ହୋଇଛି । ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମେତ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏ, ରମାଦେବୀ ପ୍ରମୁଖଙ୍କ ସ୍ୱାଧୀନତା ସଂଗ୍ରାମରେ ରହିଥିବା ଯୋଗଦାନକୁ ୩୯ଟି ପ୍ୟାନେଲ ମାଧ୍ୟମରେ ଫଟୋ ଓ ସୂଚନା ଦିଆଯାଇ ଏଠାରେ ପ୍ରଦର୍ଶିତ କରାଯାଇଛି ।

## ଘରୋଇକରଣ ବିରୋଧରେ ବ୍ୟାଙ୍କ ଓ ବୀମା ଧର୍ମଘଟକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ସମର୍ଥନ

ଭୁବନେଶ୍ୱର,୧୩/୦୩ (ନି.ପ୍ର): କେନ୍ଦ୍ର ବଜେଟ୍-୨୦୨୧ରେ ମୋଦି ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତି ଘୋଷଣା ବିରୋଧରେ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ଆସନ୍ତା ମାର୍ଚ୍ଚ ୧୫ ଓ ୧୬ ତାରିଖରେ ଦେଶବ୍ୟାପୀ ଧର୍ମଘଟର ଆହ୍ୱାନ ଦେଇଛନ୍ତି, ସେହିପରି ସାଧାରଣ ବୀମାର ଘରୋଇକରଣ ବିରୋଧରେ ସାଧାରଣ ବୀମା କର୍ମଚାରୀମାନେ ମାର୍ଚ୍ଚ ୧୭ରେ ଓ ଜୀବନ ବୀମା ନିଗମ(ଏଲ୍ଆଇସି)ର ଅଂଶଧନ ବିକ୍ରୀକରି ଘରୋଇକରଣର ଉଦ୍ୟମ ବିରୋଧରେ ଏଲ୍ଆଇସିରେ ମାର୍ଚ୍ଚ ୧୮ ଦିନ ଦେଶବ୍ୟାପୀ ଧର୍ମଘଟ ପାଇଁ ସମସ୍ତ କର୍ମଚାରୀ, ଅଫିସର ଓ ଏଜେଂଟମାନଙ୍କର ସଂଗଠନ ଆହ୍ୱାନ ଦେଇଛନ୍ତି । ଏହି ଧର୍ମଘଟକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସଂଗଠନମାନଙ୍କ ପକ୍ଷରୁ ସଂପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ସରକାରଙ୍କ ଏହି ସବୁନବିରୋଧୀ, ଦେଶବିରୋଧୀ ଓ ରାଷ୍ଟ୍ରୀୟ ଉଦ୍ୟୋଗ ବିକ୍ରୀ କାର୍ଯ୍ୟକୁ ବିରୋଧକରି ଆସନ୍ତା ୧୫ ମାର୍ଚ୍ଚ ଦିନ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ ହେବ । ଦେଶ ସ୍ୱାର୍ଥରେ ବ୍ୟାଙ୍କ ଓ ବୀମା ଘରୋଇକରଣ ନିଷ୍ପତି ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ବ୍ୟାଙ୍କ ଓ ବୀମା କର୍ମଚାରୀଙ୍କ ଧର୍ମଘଟକୁ ଶ୍ରମିକ ସଂଗଠନମାନଙ୍କର ମିଳିତ ମଂଚ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ପକ୍ଷରୁ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ରାମକୃଷ୍ଣ ପଣ୍ଡା, ବି ପି ଦାସ, ବିଷ୍ଣୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ମହେନ୍ଦ୍ର ପରିଡ଼ା ସମର୍ଥନ ଜଣାଇ ସର୍ବତ୍ର ଶ୍ରମିକ କର୍ମଚାରୀମାନଙ୍କ ଧର୍ମଘଟ ପ୍ରତି ସଂହତି ପ୍ରଦାନ କରିବା ଲାଗି ନିବେଦନ କରିଛନ୍ତି ।

ବାଲେଶ୍ୱର, ରବିବାର, ୧୪ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୬୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୮୧୨୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୫୪୯୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୬୫୧ ରହିଛି। ଆଜି ଚିହ୍ନଟ ହୋଇଥିବା ୬୫ ଜଣଙ୍କ ମଧ୍ୟରୁ ୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଓ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୧୩-୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ୍ ବଲାଙ୍ଗୀର ଜିଲ୍ଲାରେ ୩ ଜଣ ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସେହିପରି ଢେଙ୍କାନାଳ, ଗଜପତି, ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ, କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ସାହିତ୍ୟିକଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ସାହିତ୍ୟିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦତ୍ତ ମର୍ଯ୍ୟାଦାଜନକ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ମନୋନୀତ ରାମଚନ୍ଦ୍ର ନାୟକ ଏବଂ ଚନ୍ଦ୍ରଶେଖର ହୋତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଉଭୟଙ୍କ ସଫଳତା ସମଗ୍ର ଓଡ଼ିଶା ପାଇଁ ଗୌରବର ବିଷୟ।

# ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତିକୁ ନେଇ ଉତ୍ତେଜନା : ସ୍ଥାନୀୟ ବାସିନ୍ଦାଙ୍କ ରାସ୍ତାରୋକ



ବାଲେଶ୍ୱର,୧୩/୦୩ (ନି.ପ୍ର): ସଲ୍ଟରୋଡ଼ରେ ବଢ଼ି ଚାଲିଥିବା ଦୁର୍ଘଟଣାରେ ଜିଲା ପ୍ରଶାସନର ଖାମଖିଆଲି କାର୍ଯ୍ୟଧାରା ଓ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ପାଗନଇ ଛକଠାରେ ଲୋକେ ଶନିବାର ଦୀର୍ଘ ୬ଘଣ୍ଟାଧରି ରାସ୍ତାରୋକ କରିଥିଲେ। ପାଗନଇ ପୋଲରେ ହେଉଥିବା ଦୁର୍ଘଟଣା ପ୍ରତି ପ୍ରଶାସନ ବିହୀତ ପଦକ୍ଷପ ଗ୍ରହଣ ନକରିବା ଓ ଗତ୧୦ ତାରିଖରେ ନିର୍ମାଣଧୀନ ପ୍ରତିରକ୍ଷା ବିଭାଗ ବାଇପାସ ରାସ୍ତା ଯୋଗୁଁ ଦୁର୍ଘଟଣାଗ୍ରସ୍ତ ପରିବାର ପ୍ରତି ପ୍ରଶାସନିକ ଅବହେଳାକୁ ନେଇ ରାସ୍ତାରୋକକୁ ଓହ୍ଲାଇଥିବା ସେମାନେ ପ୍ରକାଶ କରିଛନ୍ତି। ପ୍ରତିରକ୍ଷା ବିଭାଗର ନିର୍ମାଣଧୀନ ବାଇପାସ ରାସ୍ତା ଯୋଗୁଁ ଦୁର୍ଘଟଣାରେ ଗୁରୁତର ଶାସଙ୍ଗ ଅଞ୍ଚଳର ଗୋଟିଏ ପରିବାରର ୩ ବର୍ଷର ଶିଶୁ ସମେତ ବାପ, ପୁଅ, ଝିଅଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଶାସନ ଓ ପ୍ରତିରକ୍ଷା ବିଭାଗର ଖାମଖିଆଲି କାର୍ଯ୍ୟ ବିରୋଧରେ ସେଦିନ ସାରଗାଁଠାରେ ସଲ୍ଟରୋଡ଼ରେ ରାସ୍ତାରୋକ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଚିତ ପଦକ୍ଷେପ ନେବା ପାଇଁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ବି ଦେଇଥିଲେ। ଆହତ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ କିଛି ଆର୍ଥିକ ସହାୟତା ପ୍ରଦାନ ପାଇଁ ସେତେବେଳେ ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ପ୍ରତିଶ୍ରୁତି ପାଣିର ଗାର ହୋଇଯାଇଥିବା ଉତ୍ତେଜିତ ଲୋକେ କହିଛନ୍ତି। ପ୍ରଶାସନ ଆର୍ଥିକ ସହାୟତା ତ ଦେଲାନି, ଅନ୍ୟପକ୍ଷରେ ହାଇଟେକ ହସପିଟାଲରେ ଭର୍ତ୍ତି ହୋଇଥିବା ଦୁର୍ଘଟଣାର ସଂକଟାପନ୍ନ ଥିବା ଯୁବକଙ୍କର ଗତକାଲି ରାତିରେ ମୃତ୍ୟୁ ହୋଇଥିଲେ ବି ତାର ମୃତଦେହକୁ ପରିବାରକୁ ମିଳୁ ନଥିବା ଲୋକମାନେ କହିଛନ୍ତି। କଟକ ବଡ଼ଡାକ୍ତରଖାନାରେ ବାପ, ଝିଅ ଓ ନାତୁଣୀ ଚିକିତ୍ସିତ ହେଉଥିବା ବେଳେ ଟଙ୍କା ପାଇଁ ପୁଅର ମତଦେହ ହାଇଟେକ ହସପିଟାଲରେ ବନ୍ଧା ପଡ଼ିଥିବା ପରିବାର ଲୋକେ କହିଛନ୍ତି। ମୃତ ଶରୀର ମୁକୁଳିବା ଦିଗରେ ପ୍ରଶାସନ ତୁରନ୍ତ ଉଚିତ ପଦକ୍ଷେପ ନେବା ସହ ସମ୍ପୃକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଆନ୍ଦୋଳନକାରୀ ଲୋକମାନେ ଦାବି କରିଛନ୍ତି। ଏଥି ସହିତ ଦୁର୍ଘଟଣାପ୍ରବଣ ପାଗନଇ ପୋଲ ପାର୍ଶ୍ୱରେ ପ୍ରଟେକ୍ସନ ୱାଲ ନିର୍ମାଣ କରିବା ଓ ପ୍ରତିରକ୍ଷା ବିଭାଗ ବାଇପାସ ରାସ୍ତା ନିର୍ମାଣ ସ୍ଥଳରେ ପଥଚାରୀଙ୍କ ଅବଗତ ନିମନ୍ତେ ଆବଶ୍ୟକ ସିଗନାଲ ବ୍ୟବସ୍ଥା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାରୋକ ଯୋଗୁଁ ଉଭୟ ସଲ୍ଟରୋଡ଼ରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ଦୀର୍ଘ ୬ଘଣ୍ଟା ପରେ ସଦର ଥାନା ପୁଲିସ ଓ ଦୁଇ ପ୍ଲାଟୁନ ଫୋର୍ସ ସମେତ ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ ରାସ୍ତାରୋକ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ଆନ୍ୟାନ୍ୟ ସମସ୍ତ ଦାବି ପୂରଣ ନେଇ ଉପ-ଜିଲାପାଳ ଶ୍ରୀ ପାଟିଲ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସ୍ଥାନୀୟ ବାସିନ୍ଦା ରାସ୍ତାରୋକରୁ ନିବୃତ ହୋଇଥିଲେ।

## ଦ୍ୱିତୀୟ ବଡ଼ଦାଣ୍ଡ ସେବାରେ ଯୋଗଦେଲେ ଗଣଶିକ୍ଷା ମନ୍ତ୍ରୀ

ପୁରୀ,୧୩/୦୩ (ନି.ପ୍ର): ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ବଡଦାଣ୍ଡକୁ ସଫା ରଖିବା ପାଇଁ ବଡଦାଣ୍ଡ ସେବା ନାମରେ ପ୍ରତି ଶନିବାର ସକାଳ ୬ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ବଡଦାଣ୍ଡ ସେବା ଅନୁଷ୍ଠିତ ହେଉଛି। ଆଜି ଦ୍ୱିତୀୟ ବଡଦାଣ୍ଡ ସେବାରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ବଡଦାଣ୍ଡର ସମ୍ମାନ ରକ୍ଷା ପାଇଁ ଏହାର ସ୍ୱଚ୍ଛତା ଉପରେ ସମସ୍ତେ ଗୁରତ୍ୱ ଦେବା ଉଚିତ ବୋଲି କହିଥିଲେ। ତାଙ୍କ ସହ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବଡଦାଣ୍ଡକୁ ୫ଟି ଜୋନରେ ମଂଚ କରାଯାଇ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ, ପାଲା, ଗୋଟିପୁଅ ନୃତ୍ୟ ସହ ଭଜନ ଓ ମାଲଖମ୍ବ ପ୍ରଦର୍ଶିତ ହୋଇଥିଲା। ଏଥିସହ ବଡଦାଣ୍ଡ ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ବ୍ୟବସାୟୀ ସଂଘ, ପ୍ରଶାସନିକ କର୍ମଚାରୀ, ସେଚ୍ଛାସେବୀ ଅନୁଷ୍ଠାନ, ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନେ ସାମିଲ ହୋଇଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପୁରୀ ସହରର ୨୦ଟି ବିଦ୍ୟାଳୟରୁ ପ୍ରାୟ ୪୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବଡଦାଣ୍ଡ ସେବା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସହରର ବହୁ ମହିଳାମାନେ ଏକାଠି ହୋଇ ରଙ୍ଗୋଲି ଆଙ୍କିଥିଲେ। ପରେ ମୁକ୍ତକାଶ ରଙ୍ଗମଂଚରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## 'ମୋନା'ର ବାର୍ଷିକ ସମ୍ମିଳନୀ ଏପ୍ରିଲ ୪ରେ

ବାଲେଶ୍ୱର,୧୩/୦୩ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ବାଲେଶ୍ୱର' ଶାଖା ପକ୍ଷରୁ ମାସିକ ବୈଠକ ଆଇନ୍‌ଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦିକା ମମତା ମହାପାତ୍ର ଆଗାମୀ ଏପ୍ରିଲ ୪ ତାରିଖ, ରବିବାର ପୂର୍ବାହ୍ଣ ଘ୧୦ଟିକା ସମୟରେ 'ଆତିଥ୍ୟ' ସଭାଗୃହ (ହସ୍‌ପିଟାଲ ରୋଡ, ୟୁକୋ ବ୍ୟାଙ୍କ ଉପର), ବାଲେଶ୍ୱରଠାରେ ବାର୍ଷିକ ଉତ୍ସବ ପାଇଁ ଆଣିଥିବା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭାପତିଙ୍କ ପରାମର୍ଶରେ ଉତ୍ସବର ସଫଳତା ନିମନ୍ତେ ବିଭିନ୍ନ କମିଟିମାନ ଚୟନ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ବାର୍ଷିକ ସମ୍ମିଳନୀରେ ବ୍ଲକ ସ୍ତରରେ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଂଗଠନମାନଙ୍କୁ ପୁରସ୍କୃତ କରାଯିବାକୁ ସିଦ୍ଧାନ୍ତ କରାଯାଇଥିଲା। 'ମୋନା' ମୁଖପତ୍ର ପ୍ରକାଶ କରାଯିବା ସଂଗେ ସଂଗେ ଆଜୀବନ ସଦସ୍ୟ ସଂଖ୍ୟା ବଢ଼ାଯିବା ପାଇଁ ସଦସ୍ୟମାନେ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରାମର୍ଶଦାତା ସୁବ୍ରତ କର ଆର୍ଥିକ ଦିଗ ଉପରେ ମତାମତ ପ୍ରଦାନ କରିଥିଲେ। ଉପସଭାପତି ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ଅର୍ଚ୍ଚନା ନନ୍ଦୀ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ, ପ୍ରସନ୍ନ କୁମାର ପାଢ଼ୀ, ଗୀତାଞ୍ଜଳି ସିଂହ, ତ୍ରିଦିବ କୁମାର ନାୟକ, ପ୍ରଣତି ମିଶ୍ର, ପ୍ରତାପଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ସରସ୍ୱତୀ ପଣ୍ଡା, ଜ୍ୟୋସ୍ନା ପାଣି, କ୍ରୀଷ୍ଣା ସାହା, ମାୟାଧର ନାୟକ ଓ ଯୋଗେଶଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅବନ୍ତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏ 'ଭିଜନ - ୨୦୨୪' ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଚାମ୍ପିୟନ

### ଆକାଶ ମହାପାତ୍ର ୨୧୫, ଦୀପକ ନାୟକ ୧୨୩




ଭଦ୍ରକ,୧୩/୦୩ (ନି.ପ୍ର): ଓଡ଼ିଶା କ୍ରିକେଟ ଆସୋସିଏସନର 'ଭିଜନ - ୨୦୨୪' ପରିପ୍ରେକ୍ଷୀରେ ଭଦ୍ରକ ଚରମ୍ପା ସ୍ଥିତ ରେଲୱେ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟର ଆଜି ଫାଇନାଲ ମ୍ୟାଚ୍‌ରେ ଚରମ୍ପାର ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଚରମ୍ପା କ୍ରିକେଟ ଲାଡେମୀ ପରାସ୍ତ କରି ଚାମ୍ପିୟନ ହୋଇଛି। ଆଜି ବିଜୟଭାନୁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୪୪.୨ ଓଭରରେ ସମସ୍ତ ଉଇକେଟ ହରାଇ ବିଶାଳ ୪୩୭ ରନ କରିଥିଲା। ସେମିଫାଇନାଲରେ ବିସ୍ଫୋରକ ଅପରାଜିତ ୩୫୬ ରନ କରିଥିବା ଦଳର ଷ୍ଟାର ବ୍ୟାଟ୍‌ସମ୍ୟାନ ଆକାଶ ମହାପାତ୍ର ଆଜି ମଧ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ୧୦୧ ବଲରେ ୧୦ଟି ଛକା ଓ ୨୯ଟି ଚଉକା ବଲରେ ୨୧୫ ରନ କରିଥିଲେ। ତାଙ୍କ ସହିତ ଅନ୍ୟତମ ବ୍ୟାଟ୍‌ସମ୍ୟାନ ଦିପକ ନାୟକ ମଧ ଆକର୍ଷଣୀୟ ୧୨୩ ରନ କରିଥିଲେ। ଚରମ୍ପା ଏକାଡେମୀ ପକ୍ଷରୁ ସତ୍ୟମ୍ କୁମାର ୩ଟି, ସାହିଲ ଖାନ ୩ଟି ଓ ସତ୍ୟ ରାଉତ ୨ଟି ଉଇକେଟ ନେଇଥିଲେ। ୪୩୮ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଚରମ୍ପା ଏକାଡେମୀ ୪୨ ଓଭରରେ ୧୨୩ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ସାହିଲ ଖାନ ୩୭ରନର ଇନିଙ୍ଗସ୍ ଖେଳିଥିଲେ। ବିଜୟଭାନୁ ଦଳର ସୌମ୍ୟ ରଂଜନ ବାରିକ ୩ଟି, ସତ୍ୟ ପ୍ରକାଶ ସାହୁ ୨ଟି ଓ ଆଶୀର୍ବାଦ ଦେବଦର୍ଶୀ ୨ଟି ଉଇକେଟ ନେଇଥିଲେ। ଦଳ ୩୧୪ ରନରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ଅଧକ୍ଷ ତଥା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ତଥା ଓସିଏର ପୂର୍ବତନ ଅଧକ୍ଷ ଧୀରେନ ପଲାଇ, କ୍ୟୁରେଟର କେଶବ ସିନ୍‌ହା, ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ଉପେନ୍ଦ୍ର ବାରିକ, କାର୍ଯ୍ୟକାରୀ କମିଟି ସଦସ୍ୟ ଅତିସ୍ ବେହେରା, ଉପସଭାପତି ଭବତୋଷ ଦାସ, ସଦସ୍ୟ ଜତିକାନ୍ତ ନାୟକ, ପାର୍ଥ ସାରଥୀ ଗୁହ, ଲକ୍ଷ୍ମୀକାନ୍ତ ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆକାଶ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

## ଯୌତୁକ ଜୁଇରେ ଅନୁପମା ସିଂ : ଯୋଜନାବଦ୍ଧ ହତ୍ୟା ଅଭିଯୋଗ



ଜଳେଶ୍ୱର, ୧୩/୩ (ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ଚମାରଗାଁ ପଂଚାୟତ ଅଧିନ ତେଘରୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ୧୨ ବର୍ଷ ପୂର୍ବରୁ ବୈଦିକ ରିତିରେ ବିବାହ ହୋଇଥିବା ଜଣେ ମହିଳାଙ୍କ ମୃତ୍ୟୁନେଇ ବହୁ ଆରୋପ ଓ ପ୍ରତ୍ୟାରୋପ ଲାଗିଛି। ଘଟଣାରୁ ପ୍ରକାଶ ତେଘରୀ ଗାଁର ଭାଗବତ ଦେଙ୍କ ଝିଅ ଅନୁପମା ସିଂଙ୍କୁ ୧୨ ବର୍ଷ ପୂର୍ବେ ବଜାରଶୋଳ ଗାଁର ନିମାଇଁ ଚରଣ ସିଂଙ୍କ ପୁଅ ଅରୁଣ ସିଂ ସହିତ ବିବାହ ଦେଇଥିଲେ। ଏଥିନେଇ ଆବଶ୍ୟକ ଜାନି ଯୌତୁକ ଦେଇଥିଲେ ମଧ୍ୟ ଅନୁପମାକୁ ସ୍ୱାମୀ ଅରୁଣ, ଶ୍ୱଶୁର ନିମାଇଁ, ଶାଶୁ ମାଳତୀ ଶାରିରୀକ ଓ ମାସିକ ନିର୍ଯ୍ୟାତନ ଦେଇ ଆସୁଥିଲେ। ଅଧିକ ଯୌତୁକ ଦାବି କରୁଥିବାରୁ ଏଥିନେଇ ବାରମ୍ବାର ସମାଧାନ କରାଯାଇ ଆସୁଥିଲା। ଏପରିକି ୨୦୧୮ ମାର୍ଚ୍ଚ ୯ ତାରିଖରେ ଅନୁପମା ଜଳେଶ୍ୱର ଥାନାରେ ତାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗପରେ ଆପୋଷ ସମାଧାନ ହୋଇଥିଲା। ଏଥିରେ ୱାର୍ଡସଭ୍ୟ ନିତ୍ୟାନନ୍ଦ ଘୋଷ, ପୁରେନ୍ଦ୍ର ସାମଲ, ରବିନ୍ଦ୍ର ଦାସ, ଗଣେଶ ସିଂ, ନିମାଇଁ ସିଂ, ନନୀଗୋପାଳ ଦାସ, ଭାଗବତ ଜେନା, ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କିନ୍ତୁ ଗତ ୧୨ ତାରିଖ ଶୁକ୍ରବାର ମଧ୍ୟ ରାତ୍ରୀରେ ଅନୁପମା ସିଂର (୩୦)ର ମୃତ୍ୟୁ ଘଟିଥିବା ଖବର ପାଇ ଭାଗବତ ଓ ତାଙ୍କ ପରିବାର ଲୋକେ ଆସି ଘଟଣା ସଂପର୍କରେ ଜାଣିଥିଲେ। ଅନୁପମା ଦେହରେ ବିଭିନ୍ନ ଦାଗ ଥିବାର ଦେଖି ଭାଗବତ ମନରେ ସୃଷ୍ଟି ହୋଇଥିଲା। ତାଙ୍କ ଝିଅକୁ ଯୋଜନାବଦ୍ଧଭାବେ ମାରି ଦିଆଯାଇଥିବାର ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଜଳେଶ୍ୱର ଥାନାରେ ୯୭/୨୧ ମୂଳେ ମାମଲା ରୁଜୁ ହୋଇଛି।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ 'ମୋ ଚାଟଶାଳୀ' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ



ଉଦଳା ୧୩/୦୩(ନି.ପ୍ର)- ଲୋକ ସଂଗଠନ ଜନଜାଗୃତି ମଞ୍ଚ ଦ୍ୱାରା ପରିଚାଳିତ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ମୋ ଚାଟଶାଳୀ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନୀ ଉତ୍ସବ ଆଜି ମାର୍ଚ୍ଚ ୧୩ ତାରିଖ ଶନିବାର ଦିନ ସ୍ଥାନୀୟ ଆମେ ଭଞ୍ଜ କଳାକାର ସଭା ଗୃହ ପରିସରରେ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇ ଯାଇଛି। ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେଜନଜାଗୃତି ମଞ୍ଚର ଜିଲ୍ଲା ସଭାପତି ଚିତ୍ତ ରଂଜନ ମୁଖୀ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ମଞ୍ଚକୁ ଆହ୍ୱାନ କରିଥିଲେ। ଏହାପରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ମଞ୍ଚର ଜିଲ୍ଲା ଟିମ୍‌ଲିଡ଼ର ଗଦାଧର ଦାଶଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ଏଥିରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆରତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ନୀତି ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଆତ୍ମଶକ୍ତି ଟ୍ରଷ୍ଟର ଷ୍ଟେଟ ମ୍ୟାନେଜର ଯୋଗେଶ ରାଜୁ ଓ ମହିଳା ଶ୍ରମଜୀବି ମଞ୍ଚର ରିଜିଓନାଲ ମ୍ୟାନେଜର ପ୍ରସନ୍ନ ପ୍ରଧାନ 'ମୋ ଚାଟଶାଳୀ'ର ପୃଷ୍ଠ ଭୂମି, ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଲୋଚକ ଭାବରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସମାଜସେବୀ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସନ୍ତୋଷ ବାଛିନୀ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଓ ସରପଞ୍ଚ ଗୋପିନାଥ ବେହେରା ପ୍ରମୁଖ ଯୋଗ ଦେଇ ତାଲାବନ୍ଦ ସମୟରେ ପ୍ରାଥମିକ ଶିକ୍ଷା ଉପରେ ଏହାର ପ୍ରଭାବ କିପରି ପଡ଼ିଥିଲା ଏବଂ ଏହାର ମୁକାବିଲା ପାଇଁ 'ମୋ ଚାଟଶାଳୀ'ର ପରିକଳ୍ପନା ଏକ ଉନ୍ନତ ପରିକଳ୍ପନା ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଆଲୋଚନାରେ ଅନ୍ୟ ମାନଙ୍କ ମଧରେ ନମିତା ରାଉତ ଓ ଅନିତା ବିଶ୍ୱାଳ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ। ମଞ୍ଚର ସଦସ୍ୟ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମଞ୍ଚର ସଦସ୍ୟ ହରିପ୍ରିୟା ଦାସ, ଭାରତୀ ଖଣ୍ଡାପାତ୍ର, ଆରତି ଖଣ୍ଡାପାତ୍ର, ରାମଚନ୍ଦ୍ର ସିଂ, ରୁପାଏ ବାସ୍କେ, ରବି ଖଣ୍ଡେଇ, ନିରୁପମା ଦାସ, ସୁମତୀ ମୁର୍ମୁ, ଲାଲମୋହନ ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ।


## ଏକ ବିଶେଷ ସୂଚନା

### ମୟୂରଭଂଜିଆ ସାରସ୍ୱତ ସାଧକ

ବନ୍ଧୁଗଣ ଖୁବ୍ ଶୀଘ୍ର ମୟୂରଭଞ୍ଜ ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କର ଏକ ପରିଚୟ ଗ୍ରନ୍ଥ ନିକଟ ଭବିଷ୍ୟତରେ ପ୍ରକାଶ ପାଇବାକୁ ଯାଉଛି। ଆମ୍ଭେମାନେ ପୂର୍ବରୁ ଏହି ସ୍ତମ୍ଭ ମାଧମରେ ଥରେ ଅନୁରୋଧ କରିଥିଲୁ। ପୁଣି ଥରେ ଜିଲ୍ଲାର ସମସ୍ତ ଲେଖକ/ଲେଖିକା ବନ୍ଧୁ, ସାହିତ୍ୟିକ ସଂସଦ/ସଂଗଠନ/ଅନୁଷ୍ଠାନମାନଙ୍କୁ ବିନମ୍ର ଅନୁରୋଧ ସେମାନେ ଆମ୍ଭମାନଙ୍କୁ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରନ୍ତୁ। ପରିଚିତି ଗ୍ରନ୍ଥରେ ସ୍ଥାନ ପାଇବା ନିମିତ୍ତ ସର୍ବନିମ୍ନ ଖଣ୍ଡିଏ ଗ୍ରନ୍ଥ ପ୍ରକାଶ ପାଇଥିବା ଆବଶ୍ୟକ।

* ଆଗ୍ରହୀ ଲେଖକ/ଲେଖିକା ସେମାନଙ୍କର ରଙ୍ଗୀନ୍ କିମ୍ବା କଳାଧଳା ଫଟୋ ସହ ସଂକ୍ଷିପ୍ତ ପରିଚିତି(biodata) ସହ କେଉଁ ବିଭାଗରେ କ'ଣ ସବୁ ପୁସ୍ତକ ପ୍ରକାଶ ପାଇଛି ଲେଖି କିମ୍ବା ଫୋନ୍ ମାଧମରେ ଯୋଗାଯୋଗ କରି ଜଣାଇବେ।
* ନିଜର ଜନ୍ମ, ବୃତ୍ତି, ପ୍ରାପ୍ତ ପୁରସ୍କାର ବା ସ୍ୱୀକୃତି, ପତ୍ରିକାରେ ପ୍ରକାଶିତ ପ୍ରଥମ ଲେଖା ସଂପର୍କରେ ସମସ୍ତ ବିବରଣୀ ଲେଖି କିମ୍ବା ଫୋନ୍ ମାଧମରେ ଜଣାଇବେ।
* ଦିବଂଗତ ଲେଖକମାନଙ୍କ କ୍ଷେତ୍ରରେ ସେମାନଙ୍କ ଉତ୍ତରାଧିକାରୀ କିମ୍ବା ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନମାନଙ୍କୁ ଅନୁରୋଧ ସେମାନେ ସବିଶେଷ ବିବରଣୀ ସହ ଆମ୍ଭମାନଙ୍କ ସହ ଯୋଗାଯୋଗ କରନ୍ତୁ।
* ସମସ୍ତ ତଥ୍ୟ ସେମାନେ ଆମକୁ ନିମ୍ନପ୍ରଦତ୍ତ ନମ୍ବରରେ Whatsup କରିପାରିବେ।

୧. ଡଃ. ଶ୍ରୀହରି ପଣ୍ଡା, 8658505978୨
୨. ରାଜକିଶୋର ମହାପାତ୍ର - 7377889916
କପ୍ତିପଦା, ମୟୂରଭଞ୍ଜ



ସଂଗ୍ରାହକ ଏବଂ ସଂପାଦକ
ଡ. ଶ୍ରୀହରି ପଣ୍ଡା ଓ ରାଜ ମହାପାତ୍ର

# ବିଫଳ ଶିକ୍ଷାନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଏବିଭିପି




ବାଲେଶ୍ୱର,୧୩/୦୩ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ଅବସରରେ ଶିକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସମ୍ପର୍କରେ ନବନିର୍ବାଚିତ ରାଜ୍ୟ ସମ୍ପାଦିକ ବାଲେଶ୍ୱରର ସୌଭାଗ୍ୟ ମହାନ୍ତି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମହାନ୍ତି ରାଜ୍ୟ ରାଷ୍ଟ୍ରୀୟ ଶିକ୍ଷାନୀତି କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କ ଅବହେଳାକୁ ତୀବ୍ର ସମାଲୋଚନା କରିଛନ୍ତି। ସମ୍ପ୍ରତି ରାଜ୍ୟ ସରକାର ଓଡ଼ିଶାରେ ବନ୍ଦ କରିବାକୁ ଯାଉଥିବା ବିଏଡ ମହାବିଦ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଏବିଭିପି ପକ୍ଷରୁ ଦାବି ହୋଇଥିବା ଶ୍ରୀ ମହାନ୍ତି କହିଛନ୍ତି। ସେହିପରି ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ସାଙ୍ଗକୁ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ମଧ୍ୟ ଦାବି ହୋଇଛି। ଏଥି ସହିତ ଓଡ଼ିଶାରେ ବିପର୍ଯ୍ୟସ୍ଥ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସେ ସମାଲୋଚନା କରିଛନ୍ତି। ବିଶେଷ କରି ଶର୍ମିଳିପାଳରେ ଲାଗିଥିବା ନିଆଁ ଲିଭାଇବାରେ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ, କୋଟିଆ ଭଳି ରାଜ୍ୟରେ ଦେଖାଦେଇଥିବା ସୀମା ବିବାଦ ସମାଧାନ ଦିଗରେ ଉଚିତ ପଦକ୍ଷେପ ନିଆ ନଯିବା, ସମ୍ପ୍ରତି ରାଜ୍ୟର ନାରୀ ସମାଜକୁ ସୁରକ୍ଷା ଦିଗରେ ଉଚିତ ପଦକ୍ଷେପ ନିଆଯାଉ ନଥିବା ଏବିଭିପି ପକ୍ଷରୁ ଆରୋପ ହୋଇଛି। ଏ ଦିଗରେ ସରକାର ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଛାତ୍ର ସଂଗଠନ ଆନ୍ଦୋଳନ ମୁଖୀ ହେବା ନେଇ ରାଜ୍ୟ ସମ୍ମିଳନୀରେ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ମହାନ୍ତି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ହେନ୍ତାଳ ବନ ସୃଷ୍ଟି କରିଥିବା ବଡ଼କୋଟ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩/୦୩(ନି.ପ୍ର): ପରିବେଶବିତ୍ ବିଜୟ କୁମାର କବି ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ବଡ଼କୋଟର ଗ୍ରାମବାସୀମାନେ ୧୨ ବର୍ଷ ମଧ୍ୟରେ ୨୫ ଏକର ଜମିରେ ହେନ୍ତାଳ ବନ ସୃଷ୍ଟି କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଉଦ୍ୟମ ଅନ୍ୟମାନଙ୍କୁ ବନୀକରଣ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରେରଣିତ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo